## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

# ଆତ୍ମବିଶ୍ୱାସପୂର୍ଣ୍ଣ ଅଧ୍ୟବସାୟ ସଫଳତାର ଚାବିକାଠି’

**କୋଣାର୍କ, ୧।୨ (ସମିସ):** ଜଣେ ଛାତ୍ର ଏକାଗ୍ରତାର ସହିତ ଆତ୍ମବିଶ୍ୱାସପୂର୍ଣ୍ଣ ଅଧ୍ୟବସାୟ ଜାରି ରଖିଲେ ସଫଳତା ମିଳିଥାଏ ବୋଲି କୋଣାର୍କସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ସଂଧ୍ୟାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିହାର ପ୍ରସାଦ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଉତ୍ସବ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ବିଶ୍ୱଜିତ ଘୋଷ, ପୁରୀ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ଗୋପ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରମେଶ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ରଥ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ବରିଷ୍ଠ ଶିକ୍ଷୟିତ୍ରୀ ନୟନା ଶତପଥୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ସଂଯୋଜନା କରିଥିଲେ ଶିକ୍ଷକ ସୂର୍ଯ୍ୟ ନାରାୟଣ ମିଶ୍ର। ବରିଷ୍ଠ ସହକାରୀ ଶିକ୍ଷକ ସତ୍ୟସୁନ୍ଦର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ଭାଗିରଥୀ ପାଇକରାୟ, ବରିଷ୍ଠ ଶିକ୍ଷକ ଅଭୟ ମଲ୍ଲ, ଅର୍ଜୁନ ଦଳାଇ, ଗୌରୀ ଶଙ୍କର ଜେନା, ଶିକ୍ଷୟିତ୍ରୀ ଶିଲ୍ପା ଭଟ୍ଟ, ସୁଲୋଚନା ବେହେରା, ଦୀପିକା ଜେନା ଓ ଆଶାଲତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।




## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ରାମକୃଷ୍ଣ



**କୋଣାର୍କ, ୧।୨(ସମିସ):** ଗୋପ ବ୍ଲକ ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ଅନ୍ତର୍ଗତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଶିକ୍ଷକ ରାମକୃଷ୍ଣ ମହାନ୍ତି ମାଧ୍ୟମିକ ବିଦ୍ୟାଳୟସ୍ତର ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଭୁବନେଶ୍ୱରରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିବା ପରେ ରାମକୃଷ୍ଣଙ୍କୁ ନିଜ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଗହଣରେ ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ୯୫ପ୍ରତିଶତ ନମ୍ବର ରଖି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ହୋଇଥିବା ଛାତ୍ର ସୂର୍ଯ୍ୟାଂଶୁ ସାସମଲଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଆଦର୍ଶ ଶିକ୍ଷକ ରାମକୃଷ୍ଣଙ୍କ ଏହି ସଫଳତା ପାଇଁ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଡଃ ବିଶ୍ୱଜିତ ଘୋଷ, ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା, ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା ରାମକୃଷ୍ଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ନାଗରିକଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ନାଗବସ୍ତ ବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ

# କୃଷି ସଂକ୍ରାନ୍ତୀୟ ପ୍ରକଳ୍ପ ପ୍ରଦର୍ଶନକରି ରାଜ୍ୟରେ ପ୍ରଥମ

**ନିମାପଡ଼ା, ୧।୨(ସମିସ)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ନାଗବସ୍ତ ନୋଡାଲ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଶ୍ରୀକାନ୍ତ ଜେନା ଏକ କୃଷିଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନକରି ରାଜ୍ୟରେ ପ୍ରଥମସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ପ୍ରଶଂସାପତ୍ର ସହ ପୁରସ୍କାର ଗ୍ରହଣ କରିଛନ୍ତି। ଜଳ ସଂରକ୍ଷଣ ଓ ନିରନ୍ତର କୃଷି ସଂକ୍ରାନ୍ତୀୟ ପ୍ରକଳ୍ପ ପ୍ରଦର୍ଶନ କରି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଛାତ୍ର ଶ୍ରୀକାନ୍ତ। ଶ୍ରୀକାନ୍ତ ନିମାପଡ଼ା ବ୍ଲକ ଅନ୍ତର୍ଗତ ନାଗବସ୍ତ ନୋଡାଲ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଅଟନ୍ତି।ଶ୍ରୀକାନ୍ତ ବ୍ଲକ ଓ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା ଓ ଗାଇଡ ଶିକ୍ଷୟତ୍ରୀ ପ୍ରିତିପୁଷ୍ପା ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀକାନ୍ତ ପ୍ରକଳ୍ପ ନିର୍ମାଣ କରିଥିଲେ।



ବାପା ପ୍ରତାପ ଜେନା ଓ ମାତା ସନ୍ଧ୍ୟାରାଣୀ ଜେନାଙ୍କ ଉତ୍ସାହ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରେରଣା ଯୋଗୁଁ ସେ ରାଜ୍ୟସ୍ତରୀୟ ପୁରସ୍କାର ପାଇବାରେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶ୍ରୀକାନ୍ତଙ୍କୁ ଏହି ପୁରସ୍କାର ମିଳିବା ପରେ ନିଜ ବିଦ୍ୟାଳୟ ସମେତ ବ୍ଲକରେ ଖୁସିର ଲହରୀ ଖେଳିଯାଇଛି।

# ପଞ୍ଚାୟତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**କୃଷ୍ଣପ୍ରସାଦ, ୧।୨(ସମିସ)**




ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ରେ ଥିବା ପଞ୍ଚାୟତ ସ୍ନାତକ ଶିକ୍ଷା ବୈଷୟିକ ମହାବିଦ୍ୟାଳୟରେ ବହୁମୁଖୀ ଉଚ୍ଚ ଶିକ୍ଷା ଅଧ୍ୟୟନରେ ଅନୁସନ୍ଧାନ ପଦ୍ଧତି ଏକ ଆଲୋଚନାଚକ୍ର ହୋଇଯାଇଛି।. ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱ ରେ ଆୟୋଜିତ ଆଲୋଚନା ଚକ୍ର ରେ ରାଜ୍ୟ ତଥା ଦେଶର ବହୁ କ୍ଷାତି ସମ୍ପର୍ଣ୍ଣ ବ୍ୟକ୍ତି ଯୋଗ ଦେଇଥିଲେ। ରାଜନିତୀ ବିଜ୍ଞାନ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଡ଼ଃ ଶଙ୍କଶଣ ଦାସ, ଭୋପାଳ ବରଖାତୁଲା ବିଶ୍ୱବିଦ୍ୟାଳୟର ପ୍ରଫେସର ହେମନ୍ତ ଖଣ୍ଡାଇ, ଉତ୍ତର ପୂର୍ବ ହିଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ ଚରଣ ସୁବୁଦ୍ଧି, ନୂଆଦିଲ୍ଲୀରୁ ଡ଼ଃ ଶିଲା ବର୍ମା, ଅନୁଷ୍ଠାନର ଫାଉଣ୍ଡର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ କେଳୁଚରଣ ଜେନା, ବରିଷ୍ଠ ଅଧ୍ୟାପିକା ମିନାକ୍ଷୀ ମିଶ୍ର, ଡ଼ଃ ଦୀପ୍ତି ପ୍ରସାଦ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବହୁମୁଖୀ ଉଚ୍ଚଶିକ୍ଷା ଅଧ୍ୟୟନରେ ଗବେଷଣା ପଦ୍ଧତିର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥି ସହିତ ଗବେଷଣା ପଦ୍ଧତିରେ ଭିନ୍ନତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀଜିଲ୍ଲା ର ବିଭିନ୍ନ ମହାବିଦ୍ୟାଳୟରୁ ବହୁ ଅଧ୍ୟାପକ, ଅଧ୍ୟାପିକା, ଏବଂ ଶିକ୍ଷାବିତ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ବାବା ବରେଶ୍ୱର ପୀଠରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

**ନୟାହାଟ, ୧।୨(ସମିସ):** ପୁରୀ ଜିଲ୍ଲା ନୟା ହାଟ ଫାଣ୍ଡି ଅନ୍ତର୍ଗତ ବଉଳାଙ୍ଗ ପଞ୍ଚାୟତ ବରିମୁଣ୍ଡ ଗ୍ରାମରେ ବାବା ବରେଶ୍ୱର ପୀଠରେ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ନଟବର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି।ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ନିକଟସ୍ଥ କାଦୁଅ ନଦୀରୁ ୧୫୮ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମହାଯଜ୍ଞରେ ମୁଖ୍ୟକର୍ତ୍ତା ଭାବେ ନିର୍ମଳ ଚନ୍ଦ୍ର ଦାସ ଓ କର୍ତ୍ତି ଭାବେ ଲକ୍ଷ୍ମୀପ୍ରିୟା ଦାସ ଯଜ୍ଞ ପୂଜାରେ ବସିଥିଲେ।ସେହିଭଳି କର୍ତ୍ତା ଭାବେ ବଦ୍ରିନାରାୟଣ ଲେଙ୍କା ସହିତ ବବିତା ଲେଙ୍କା, ଅଜୟ କୁମାର ସ୍ୱାଇଁ, କର୍ତ୍ତି ସବିତା ସ୍ୱାଇଁ, ବିଚିତ୍ର ପ୍ରଧାନ କର୍ତ୍ତି, ବନିତା ପ୍ରଧାନ, କର୍ତ୍ତା ପ୍ରବୋଧ ଲେଙ୍କା, ନିରୂପମା ଲେଙ୍କା ଓ ଗୋପାଳ ପାତ୍ର, କର୍ତ୍ତି ଅଞ୍ଜିତା ପାତ୍ର ଯଜ୍ଞ ପୂଜା କର୍ମରେ ବସିଥିଲେ। ଯଜ୍ଞରେ ପଣ୍ଡିତ ସୁଶାନ୍ତ କୁମାର ମହାପାତ୍ର ଯଜ୍ଞ ପୂଜା କରୁଥିବା ବେଳେ ମନ୍ଦିର ପୂଜାରି ବିଭୁତି ଭୂଷଣ ପାଢ଼ୀ ଓ କୈଳାସ ଚନ୍ଦ୍ର ପାଢ଼ୀ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଗୁରୁବାର ସକାଳେ ସୂର୍ଯ୍ୟପୂଜା କରି ଯଜ୍ଞ ପୂଜା ଆରମ୍ଭ ହୋଇଛି।



## ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ସାକ୍ଷୀଗୋପାଳ, ୧।୨(ସମିସ):** ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରିଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା ଯୋଗଦାନ କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କ୍ରିଡ଼ା ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ପ୍ରଣବ ମିଶ୍ର, ଜୟପୁର ସରପଞ୍ଚ ଆରାଧନା ସାମନ୍ତରାୟ, ସମିତି ସଭ୍ୟ ଦୀପକ କୁମାର ଶତପଥୀ, ଜିଲ୍ଲାପରିଷଦ ସଭ୍ୟ ବିଷ୍ଣୁପ୍ରିୟା ବରାଳ, ପରିଚାଳନା କମିଟି ସଭାପତି ଚକ୍ରଧର ମହାରଣା, ଉପସଭାପତି ବର୍ଷା ରାଣୀ ମେକାପ, ବ୍ଲକ ଶିକ୍ଷାଧିକାରୀ ଭବମ ପ୍ରଧାନ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଲକ୍ଷ୍ମିପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କ୍ରିଡ଼ା ଶିକ୍ଷା ଶିକ୍ଷକ ସୁଚିତ୍ର ଖଟେଇ ଖେଳ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ବୈଜୟନ୍ତୀ ମିଶ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଶାରଳା କପ୍; କୁମାରବସ୍ତ ଖୋର୍ଦ୍ଧା ଫାଇନାଲରେ

**ଅସ୍ତରଙ୍ଗ, ୧।୨(ସମିସ)**

ଅସ୍ତରଙ୍ଗ ନରେନ୍ଦ୍ର ଷ୍ଟାଡିୟମରେ ଚାଲିଥିବା ଶାରଳା କପ୍ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଡିଆରସି ପାରାଦ୍ୱୀପ ବନାମ କୁମାରବସ୍ତ ଖୋର୍ଦ୍ଧା ମଧ୍ୟରେ ହୋଇଥିଲା। କୁମାରବସ୍ତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭର ରେ ୭ ଉଇକେଟ୍ ହରାଇ ୨୧୯ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସୁନୀଲ ସାହୁ ଅପରାଜିତ ୧୦୬ରନ ସଂଗ୍ରହ କରିଥିଲେ। ଜବାବରେ ଡିଆରସି ପାରାଦ୍ୱୀପ ୨୨୦ରନର ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ଓଭରରେ ୧୦୯ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇ ଥିଲା ଫଳରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବିଜୟୀ ହୋଇଥିଲା କୁମାରବସ୍ତ ଖୋର୍ଦ୍ଧା। ଖେଳରେ ଯୋଗ ଦେଇଥିବା ଅତିଥି ମାନେ ଟୁଲୁ ବେହେରା, ଅନିଲି ବାରିକ, ମଙ୍ଗଳା ମନ୍ଦିର ସେବାୟତ ତାପସ ଦୀକ୍ଷିତି, ଡାକ୍ତର ସଞ୍ଜୟ ପ୍ରଧାନ କୁମାରବସ୍ତ ଖୋର୍ଦ୍ଧାର ସୁନୀଲ ସାହୁଙ୍କୁ ମ୍ୟାନଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଚନ୍ଦ୍ର ବେହେରା ଓ ଡ୍ୟାନସିଂ ଅମ୍ପାୟାର ବବୁଲୁ ସାହୁ ଖେଳ ପରିଚାଳନା କରିଥିଲେ। ଧାରାବିବରଣୀ ରବୀନ୍ଦ୍ର ପରିଡ଼ା, ରାକେଶ ମହାନ୍ତି ପ୍ରଦାନ କରିଥିଲେ।ଶାରଳା କ୍ଲବ ଦିଗଦର୍ଶକ ଦିବାକର ଛାଟୋଇ, ପ୍ରତିଷ୍ଠାତା ନଟକିଶୋର ମହାନ୍ତି, ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ବେହେରା, ଦୁର୍ଗା ଚରଣ ମହାରଣା, ପ୍ରଶାନ୍ତ ମୁଦୁଲି, କୁମାର ସନ୍ତୋଷ, ମିଡ଼ିଆ ସେଲ ଯୁବ ଅଧିକାରୀ ପବିତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୪ତାରିଖରେ ମେଘା ଫାଇନାଲ ମ୍ୟାଚ୍ କୁମାରବସ୍ତ ଖୋର୍ଦ୍ଧା ବନାମ ଯଦୁପୁର ଭୁବନେଶ୍ୱର ମଧ୍ୟରେ ଖେଳାଯିବ।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

**ଡେଲାଙ୍ଗ, ୧।୨(ସମିସ)**

ଡେଲାଙ୍ଗ ବ୍ଲକ କୁଞ୍ଜର ଗ୍ରାମସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ସାଧାରଣତନ୍ତ୍ର ଦିବସ ଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନନ୍ଦ ସେବା ସଦନ ପକ୍ଷରୁ ଆୟୋଜିତ ଉଦ୍‌ଯାପନି ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ନିବନ୍ଧକ ସୂର୍ଯ୍ୟପ୍ରସାଦ ରଥ ଯୋଗ ଦେଇ ପିତା ମାତା ଶିଶୁର ପ୍ରଥମ ଗୁରୁ ଓ ଶିଶୁ ମାନଙ୍କର ଜୀବନ ଗଢିବାରେ ପିତା ମାତାଙ୍କ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଅନୁପ ପରିଡ଼ା ଯୋଗଦେଇ ଶ୍ରୀମଦ ଭଗବତ ଗୀତା ଓ ରାମାୟଣ ଶିଶୁମାନଙ୍କର ପ୍ରଥମ ଶିକ୍ଷା ହେବା ଆବଶ୍ୟକ ବୋଲି କହିଥିଲେ। ସ୍ଥାନୀୟ ସରପଞ୍ଚ ହିରଣ୍ମୟୀ ମହାପାତ୍ର, ସମାଜସେବୀ ସୂର୍ଯ୍ୟକାନ୍ତ ମହାନ୍ତି, ଯୋସ୍ନାରାଣୀ ବେହେରା, ମହିଳା ମଞ୍ଚ ସଭାନେତ୍ରୀ ବୀଣାପାଣି ଷଡଙ୍ଗୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ, ସତ୍ୟବାଦୀର ସହୀଦ ଦେବାଶିଷ ବିଶ୍ୱାଳଙ୍କ ପିତା ପ୍ରତାପ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ଉଚିତ ଶିକ୍ଷା ଓ ସଂସ୍କାର ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।



ଆନନ୍ଦ ସେବା ସଦନର ସମ୍ପାଦକ ମହେଶ୍ୱର ବେହେରା ମଞ୍ଚ ପରିଚାଳନା ଓ ସଭା ସଂଯୋଜନା କରିଥିବା ବେଳେ ସଦନର ସଦଶ୍ୟ ଓ ସ୍ଥାନୀୟ ଯୁବକଙ୍କ ଦ୍ୱାରା କରାଯାଉଥିବା ସାମାଜିକ କର୍ମ ଓ ରକ୍ତଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆନନ୍ଦ ସେବା ସଦନର ବାର୍ଷିକ ସ୍ମରଣିକା ‘ଶୁଭ୍ରା’ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

## ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**କଣାସ, ୧।୨(ସମିସ):** କଣାସ ବ୍ଲକ ଅର୍ନ୍ତଗତ ମୋ ସ୍କୁଲ ପରିଚାଳନା ସଂଗଠନ ତରଫରୁ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷାପୁରସ୍କାର ଯୋଜନାରେ କଣାସ ବ୍ଲକର ନାନାକେରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଜ୍ୟରେ ଶ୍ରେଷ୍ଠ ବିଦ୍ୟାଳୟ ଭାବରେ ବିବେଚିତ ହୋଇ ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭମା ସୁନ୍ଦରାୟ ଶିକ୍ଷାପୁରସ୍କାର ଗ୍ରହଣ କରିଥିଲେ।



## ଅସ୍ତରଙ୍ଗରେ ନୂତନ ବିଡ଼ିଓଙ୍କ ଯୋଗଦାନ



**ଅସ୍ତରଙ୍ଗ, ୧।୨(ସମିସ):** ଅସ୍ତରଙ୍ଗ ବ୍ଲକ ରେ ଥିବା ବିଡିଓ କର୍ଣ୍ଣଦେବ ସମାଦାରଙ୍କ ପଦୋନ୍ନତି ହୋଇ ବଦଳି ପରେ ଗୁରୁବାର ନୂତନ ବିଡ଼ିଓ ଭାବେ ଶ୍ରୀମତୀ ସସ୍ମିତା ବେହେରା ଯୋଗଦାନ କରିଛନ୍ତି। ସେ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୁର୍ଯୋଧନ ମିଶ୍ର, ପୂର୍ବତ୍ତନ ସମିତିସଭ୍ୟ ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଓ ଅନ୍ୟମାନେ ତାଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପ୍ରକାଶ ଥାଉକି ବିଡିଓ ଶ୍ରୀ ସମାଦାର ଗତ ଅକ୍ଟୋବରରେ ଅସ୍ତରଙ୍ଗରେ ଯୋଗଦାନ କରିଥିଲେ। ମାତ୍ର ୩ ମାସ କାର୍ଯ୍ୟ କରିଥିଲା ବେଳେ ପଦୋନ୍ନତି ମିଳିଥିଲା ସେ ନୟଗଡ଼ର ଉପଜିଲ୍ଲାପାଳ ଭାବେ ଯୋଗଦେବେ। ତାଙ୍କ ସ୍ଥାନରେ ଇଡ଼କୋରୁ ଶ୍ରୀମତୀ ବେହେରା ଅସ୍ତରଙ୍ଗ ବିଡିଓ ଭାବେ ଗୁରୁବାର ବ୍ଲକରେ ଯୋଗଦାନ କରିଛନ୍ତି।

## ୫ଜଣ ମାନସିକ ଅସୁସ୍ଥବ୍ୟକ୍ତିଙ୍କୁ ଥଇଥାନ




**କଣାସ, ୧।୨(ସମିସ):** କଣାସ ବ୍ଲକ ଅର୍ନ୍ତଗତ ଦୟାବିହାରଠାରେ ପ୍ରତିଷ୍ଠିତ ନୀଳାଚଳ ସେବା ପ୍ରତିଷ୍ଠାନରେ ପୁରୀସହରର ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଥିବା ୫ଜଣ ମାନସୀକ ଅସୁସ୍ଥବ୍ୟକ୍ତିଙ୍କୁ ନୀଳାଚଳ ସେବା ପ୍ରତିଷ୍ଠାନ ଗୃହରେ ରଖାଯାଇଛି। ପୁରୀ ଜିଲ୍ଲାର ଉଦ୍ଧାରକାରୀ ଦଳ ସାଣ୍ଡାପ୍ ଚନ୍ଦନପୁର ଦ୍ୱାରା ୩ଜଣ ପୁରୁଷ ଓ ୨ଜଣ ମହିଳା ମାନସୀକ ଅସୁସ୍ଥ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ଗୁରୁବାର ନୀଳାଚଳ ପ୍ରତୀଷ୍ଠାନ ଥଇଥାନ ଗୃହ କଲ୍ୟାଣିରେ ଥଇଥାନ କରିଛନ୍ତି।

## ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ନୟାହାଟ, ୧।୨(ସମିସ):** ପୁରୀ ଜିଲ୍ଲା ଚାରିଛକ୍ ଥାନା ସନ୍ନିକଟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାଇଲୋ ୨୦୦୦ ମସିହା ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଚନ୍ଦ୍ରମଉଳି ତୋଟା ଅତିଥି ଭବନରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୪ବର୍ଷ ପରେ ସମସ୍ତ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ସାଥିରେ ବଣଭୋଜିରେ ଯୋଗ ଦେଇ ସେଇ ପିଲାଦିନର ସ୍ମୃତିକୁ ମନେପକାଇ ଭାବ ବିହୋଳ ହୋଇଥିଲେ। ଆଗାମୀ ଦିନରେ ବ୍ୟାଚ୍ ତରଫରୁ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମ୍ ଆୟୋଜନ କରାଯିବ ଛାତ୍ରମାନେ ମତ ପୋଷଣ କରିଥିଲେ। ପୁରାତନ ଛାତ୍ରଙ୍କ ମଧ୍ୟରେ ସାମ୍ବାଦିକ ସନ୍ତୋଷ କୁମାର ଦାସ, ଶିକ୍ଷକ ମନୋଜ କୁମାର ବେହେରା ଓ ଠିକାଦାର ରାକେଶ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧନରେ ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା।

## କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ

କାକଟପୁର, ୧।୨(ସମିସ): କାକଟପୁର ପ୍ରାଥମିକସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନବ ନିର୍ମିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଗୃହକୁ ମଙ୍ଗଳବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ, କାକଟପୁର ସରପଞ୍ଚ ଅଭୟ କୁମାର ସେଠୀ, ରୂପଶାନା ବିବି, ସମିତିସଭ୍ୟା ପ୍ରଭାତୀ ବିଶ୍ୱାଳ, କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ଃ ପ୍ରିୟରଞ୍ଜନ ବେହେରା, ଆୟୁଷ ଡ଼ଃ ଶୁଭେନ୍ଦୁ କୁମାର ସେନାପତିଙ୍କ, ଅମିତ ଉପାଧ୍ୟାୟ ରମାକାନ୍ତ ସ୍ୱାଇଁ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ଃ ଶ୍ରୀବେହେରାଙ୍କ ଉତ୍ତମ ରୋଗୀ ସେବା ସାଙ୍ଗକୁ ତାଙ୍କର ଅକ୍ଲାନ୍ତ ଉଦ୍ୟମ ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ସାଙ୍ଗକୁ ଏବେ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ ବଦଳିଯାଇଛି।





# ଶ୍ରୀକ୍ଷେତ୍ର ସିଟି

୧/୨/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୦୭,୬୦୫/- ସୁନା: ୦୦.୬୪୦ ଗ୍ରାମ୍ ରୁପା: ୨୩.୧୦୦ ଗ୍ରାମ୍



## ଜିଲ୍ଲାସ୍ତରୀୟ ମିଶନ ଶକ୍ତି କବି ସମ୍ମିଳନୀ



**ପୁରୀ, ୧।୨(ସମିସ):** ଗୁରୁବାର ଜିଲ୍ଲାସ୍ତରୀୟ ମିଶନ ଶକ୍ତି କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ନିଜସ୍ୱ କବିତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩ ଜଣ କନକଲତା ପଣ୍ଡା, ସତ୍ୟବାଦୀ, ବିଷ୍ଣୁପ୍ରିୟା ମହାପାତ୍ର ପୁରୀ ସଦର ଓ ଲକ୍ଷ୍ମୀ ବିଶ୍ୱାଳ ବ୍ରହ୍ମଗିରି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ଓ ଓଡ଼ିଆ ଭାଷାର ସମ୍ମାନତା ପାଇଁ ଆଲୋକପାତ କରାଯାଇଥିଲା। ଏଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ପ୍ରୋଗ୍ରାମ ଅଫିସର, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି, ନିର୍ମଳା ଫତେସିଂ ପୁଲିସ ଉଚ୍ଚ ବିଦ୍ୟାଳୟର ସାହିତ୍ୟ ଶିକ୍ଷୟିତ୍ରୀ (ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ-୨୦୨୪) ଯୋଗଦାନ କରି ସଭ୍ୟମାନଙ୍କୁ ସମର୍ଦ୍ଧିତ କରିଥିଲେ।

# ଏପ୍ରିଲ୍ ସୁଦ୍ଧା ସରିବ ନାଟମଣ୍ଡପ ମରାମତି

**ପୁରୀ, ୧।୨(ସମିସ)**

ଆସନ୍ତା ଏପ୍ରିଲ ମାସ ସୁଦ୍ଧା ଶ୍ରୀମନ୍ଦିର ନାଟମଣ୍ଡପର ମରାମତି କାମ ସମ୍ପୂର୍ଣ୍ଣ ହେବ। ମୁଖ୍ୟତଃ ନାଟମଣ୍ଡପର ମୁଖ୍ୟ ବିମ୍‌ରେ ହୋଇଥିବା ଫାଟର ସ୍ଥିତି ଯାଞ୍ଚ ହୋଇଛି। ଗରୁଡ଼ ସ୍ତମ୍ଭ ଉପର ମୁଖ୍ୟ ବିମ୍‌ରେ ହୋଇଥିବା ଏହି ଫାଟକୁ ସପୋର୍ଟ ଦିଆଯିବ। ତଳୁ ୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍ ଲଗାଯିବ। ତେବେ ଏହି ମରାମତି କାମ ସମୟରେ କେମିତି ରହିବ ଦର୍ଶନ ବ୍ୟବସ୍ଥା ସେ ନେଇ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ନାଟମଣ୍ଡପ ମରାମତି ନେଇ ଆଲୋଚନା ହୋଇଥିଲା।

ନାଟମଣ୍ଡପ ମରାମତି କାମ ଚାଲିଛି। ମାତ୍ର ମୁଖ୍ୟ ବିମ୍ ଫାଟ ପାଇଁ ନାଟମଣ୍ଡପରେ ଭାରା ବନ୍ଧାଯିବ। ୱେଲଡିଙ୍ଗ ହେବ। ତେଣୁ ନିଆଁ ଝୁଲ ତଳେ ପଡ଼ିବ। ଏହି ସମୟରେ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥା କିଭଳି ରହିବ ତା' ଉପରେ ଆଲୋଚନା ହୋଇଥିଲା। ଏ ନେଇ ଆଗକୁ ଛତିଶା ନିଯୋଗ, ପୁଲିସ, ଶ୍ରୀମନ୍ଦିର କମାଣ୍ଡରଙ୍କ ସହିତ ଆଲୋଚନା କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ତେବେ ମୁଖ୍ୟ ବିମ୍‌କୁ ତଳୁ ସପୋର୍ଟ ଦିଆଯିବ। ଏଥିପାଇଁ ୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍ ଲଗାଯିବ। ଏତଦ୍‌ବ୍ୟତୀତ ନାଟମଣ୍ଡପର ପକେଟ୍(୦ଣା)ଗୁଡ଼ିକର ମଧ୍ୟ ମରାମତି କରାଯିବା ଲାଗି ଆଲୋଚନା ହୋଇଛି।

୨୦୧୮ ଅଗଷ୍ଟରେ ନାଟମଣ୍ଡପ ଯାଞ୍ଚ ବେଳେ ଗରୁଡ଼ ସ୍ତମ୍ଭ ଉପର ମୁଖ୍ୟ ବିମ୍‌ରେ ଫାଟ ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହି ଫାଟ ମେଲୁଛି ନା ନାହିଁ ତାହା ଜାଣିବା ପାଇଁ ସେଠାରେ ଢାଞ୍ଚାଗତ ସ୍ୱାସ୍ଥ୍ୟ ଅନୁଧ୍ୟାନ ବ୍ୟବସ୍ଥା (ଷ୍ଟ୍ରକ୍‌ଚରାଲ ହେଲ୍‌ଥ ମନିଟରିଂ ସିଷ୍ଟମ) ଲଗାଯାଇଛି। ଫାଟ ସୃଷ୍ଟି ହୋଇଥିବା ବିମ୍ ଏବଂ କଲମ୍‌ରେ କ୍ରାକ୍‌ମିଟର, ଡିଜିଟାଲ ସେନ୍‌ସର, ପ୍ରେସର ମିଟର, ଲୋଡ୍‌ସେଲ, ଟିଲ୍‌ଟ ମିଟର ଆଦି ଲଗାଯାଇଛି। ପ୍ରାୟ ୫ ବର୍ଷରୁ ଅଧିକ ହେବ ଏ ସବୁ ଲଗାଯାଇ ଲଗାଯାଇଥିଲେ ହେଁ ଏହା ମରାମତି ହୋଇନାହିଁ। ତେଣୁ ଏହି ଫାଟକୁ ବିଶେଷଜ୍ଞ ଟିମ୍ ଅନୁଧ୍ୟାନ କରିଥିଲେ। ହେଲେ ଫାଟ ପୂର୍ବରୁ ଯେଭଳି ଥିଲା ସେହିଭଳି ରହିଛି। ସେମିତି ବଡ଼ଧରଣ ପରିବର୍ତ୍ତନ ହେଉ ନାହିଁ। ତେଣୁ ଏପ୍ରିଲ ସୁଦ୍ଧା ନାଟମଣ୍ଡପ ମରାମତି ଶେଷ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଆମିକସ୍‌କ୍ୟୁରି ଏନ୍.କେ. ମହାନ୍ତି, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ, ଶ୍ରୀମନ୍ଦିର ଉନ୍ନୟନ (ସ୍ୱତନ୍ତ୍ର ଅଧିକାରୀ) ଅଜୟ କୁମାର ଜେନାଙ୍କ ସମେତ ଏଏସ୍‌ଆଇର ଟେକ୍ନିକାଲ ଟିମ୍ ଉପସ୍ଥିତ ଥିଲେ।



**ଫାଟିଥିବା ବିମ୍‌କୁ ଦିଆଯିବ ସପୋର୍ଟ**
**ଲାଗିବ ୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍**

ଓଡ଼ିଶୀ ଗୁରୁକୂଳ ପ୍ରତିଷ୍ଠା ଏବଂ ବିଦ୍ୟାର୍ଥୀ ଦିବସ

# ଆକର୍ଷଣ ସାଜିଲା ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ







**ପୁରୀ, ୧।୨(ସମିସ)**

ଗୁରୁକୂଳ ମୁକ୍ତାକାଶ ରଙ୍ଗମଞ୍ଚରେ ସତ୍ୟବାଦୀ ବଢ଼ହାଟ ଗ୍ରାମସ୍ଥିତ ରାମହରି ଦାସ ଓଡ଼ିଶୀ ଗୁରୁକୂଳର ୧୦ମ ପ୍ରତିଷ୍ଠା ଏବଂ ବିଦ୍ୟାର୍ଥୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ୧୦୦ରୁ ଉର୍ଦ୍ଧ ବିଦ୍ୟାର୍ଥୀଙ୍କ ଦ୍ୱାରା ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଏବଂ ମର୍ଦ୍ଦଳ ବାଦନ ପରିବେଷଣ ହୋଇଥିଲା। ଯାହା ଉପସ୍ଥିତ ଅଭିଭାବକ, ଗୁରୁ, ଦର୍ଶକ, ବୁଦ୍ଧିଜୀବୀ, ସଙ୍ଗୀତ ବିଦ୍ୱାନ ଏବଂ ଅନ୍ୟମାନଙ୍କୁ ଆକର୍ଷିତ କରିଥିଲା। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ଯଥା ପ୍ରଧ୍ୟାପକ ଅମିୟ କୁମାର ପଟ୍ଟନାୟକ, ଗୁରୁ ଡ. ବିଜୟ କୁମାର ଜେନା, ଯନ୍ତ୍ରୀ ଅସୀମ କୁମାର ବେହେରା, ପଣ୍ଡିତ ବିଶ୍ୱନାଥ ରଥ, ଗୁରୁ ନିରଞ୍ଜନ ରାଉତ, ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ଗୁରୁ ନିମାକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ଆଶୀର୍ବଚନ ପ୍ରଦାନ କରିଥିଲେ। ଗୁରୁକୂଳର ଅଧକ୍ଷ ଗୁରୁ ଧନେଶ୍ୱର ସ୍ୱାଇଁ ବିଦ୍ୟାର୍ଥୀ ମାନଙ୍କର କୃତିତ୍ୱ ଉପସ୍ଥାପନା ଏବଂ ସେମାନଙ୍କୁ ଏକ ସୁନ୍ଦର କଳାକାର ହେବା ସହିତ ଉତ୍ତମ ମଣିଷ ହେବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ଅନ୍ତିମ ସମ୍ଭାଷଣରେ ଗୁରୁକୂଳର ପ୍ରତିଷ୍ଠାତା ଗୁରୁ ପ୍ରଧ୍ୟାପକ ରାମହରି ଦାସ ବିଦ୍ୟାର୍ଥୀମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଗୁରୁକୂଳର ସମ୍ପାଦକ ଗୁରୁ ହିଂମାଶୁ ଶେଖର ସ୍ୱାଇଁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ।

# ବିଜେଡିର ମିଶ୍ରଣ ପର୍ବ: ୫୦ ପରିବାର ସାମିଲ

**ପୁରୀ/କୃଷ୍ଣପ୍ରସାଦ, ୧।୨(ସମିସ)**



ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଚୌବର ପୀଠରେ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ଶ୍ରୀ ଦାସବର୍ମାଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ପଞ୍ଚାୟତ ନୂଆଗାଁ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ପରିବାର ବିଜେପି ଦଳ ଛାଡି ଗୁରୁବାର ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବରିଷ୍ଠ ନେତା ପ୍ରଫୁଲ୍ଲ ଜେନା, ସାତପଡ଼ା ପଞ୍ଚାୟତ ସଭାପତି ବାବୁଲି ଜେନା, ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ଜୟନ୍ତ କୁମାର ମହାନ୍ତି ଏବଂ ଯୁବ ନେତା ଜ୍ଞାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ କୃଷ୍ଣ ପ୍ରସାଦ ବ୍ଲକ ବିଜୁ ଜନତା ଦଳକୁ ସ୍ୱାଗତ କରିଛନ୍ତି। ନିର୍ବାଚନ ଯେତିକି ନିକଟତର ହେଉଛି ନେତା, କର୍ମୀ ସେତିକି ତତ୍ପର ହୋଇ ଉଠିଛନ୍ତି।

## ପୁରୀ କାରାମଙ୍ଗଳ ଅଧିକାରୀଙ୍କୁ ରାଷ୍ଟ୍ରପତି ପଦକ

ଭୁବନେଶ୍ୱର, ୧।୨(ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ପୁରୀ କାରାଗାରର କାରାମଙ୍ଗଳ ଅଧିକାରୀ ମାନସ ରଞ୍ଜନ ପୁଷ୍ପାଳକ ତାଙ୍କର କର୍ତ୍ତବ୍ୟ ନିଷ୍ଠା, ଶୃଙ୍ଖଳିତ ଆଚରଣ ଓ ଦକ୍ଷ ଅଫିସର ଭାବେ ରାଷ୍ଟ୍ରପତି ପଦକ ପାଇଁ ମନୋନୀତ ହୋଇ ରାଜ୍ୟପାଳଙ୍କ ଠାରୁ ସମ୍ମାନ ଜନକ ରାଷ୍ଟ୍ରପତି ପଦକ ଗ୍ରହଣ କରିଛନ୍ତି। ଶ୍ରୀ ପୁଷ୍ପାଳକଙ୍କର ଉତ୍ସର୍ଗୀକୃତ ସେବା ମନୋଭାବ ୨୦୨୧ ମସିହାରେ କାରାଗାରରେ କଲ୍ୟାଣ ସେବା ପରିଚାଳନାରେ ଉଲେଖଯୋଗ୍ୟ କାର୍ଯ୍ୟ ପାଇଁ ତାଙ୍କୁ କାରାଗାରର ମହାନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ୨୦୨୪ ସାଧାରଣତନ୍ତ୍ର ଦିବସରେ ପ୍ରଶଂସନୀୟ ସେବା ନିମନ୍ତେ ରାଷ୍ଟ୍ରପତିଙ୍କ ସଂସ୍କାର ସେବା ପଦକ ମହାମହିମ ରାଜ୍ୟପାଳ ରଘୁବର ଦାସ ଉକ୍ତ ରାଷ୍ଟ୍ରପତି ପଦକ ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ୭ ହଜାର ଟଙ୍କା ପ୍ରୋତ୍ସାହନ ମୂଳକ ଅର୍ଥରାଶି, ଉପଢୌକନ ଓ ମାନପତ୍ର ଲୋକସେବା ଭବନର କନଭେନ୍ସନ୍ ହଲ ଠାରେ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ପଦକ ପାଇବା ପରେ ବିଭିନ୍ନ ଅଞ୍ଚଳରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।



## ବନମାଳୀ ସାର୍‌ଙ୍କ ପରଲୋକ

**ପୁରୀ, ୧।୨(ସମିସ):** ପୁରୀ ସଦର ବ୍ଲକ ଅନ୍ତର୍ଗତ ବୀରବଳଭଦ୍ରପୁର ଶାସନ ଗ୍ରାମର ଜଣାଶୁଣା ପୂର୍ବତନ ଶିକ୍ଷକ ବନମାଳୀ ମିଶ୍ରଙ୍କର ୯୧ ବର୍ଷ ବୟସରେ ଗତ ବୁଧବାର ସକାଳେ ପରଲୋକ ହୋଇଯାଇଛି। ଦୀର୍ଘବର୍ଷ ଧରି କୃଷ୍ଣାଞ୍ଜନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ସେ କାର୍ଯ୍ୟ କରିଥିଲେ ଏବଂ ସ୍ଥାନୀୟ ଅଞ୍ଚଳରେ ସେ ବନମାଳୀ ସାର୍ ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କର ଅନେକ ଛାତ୍ରଛାତ୍ରୀ ଏବେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଶିକ୍ଷକ ବ୍ୟତୀତ ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ରୂପେ ଜଣାଶୁଣା ଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ମୃତ୍ୟୁବେଳକୁ ତାଙ୍କ ନିକଟରେ ଧର୍ମପତ୍ନୀ ବିଷ୍ଣୁପ୍ରିୟା, ତିନିପୁଅ ମନୋରଞ୍ଜନ, ସତ୍ୟରଞ୍ଜନ ଓ ରଶ୍ମିରଞ୍ଜନ ଏବଂ ବୋହୂ ଉପସ୍ଥିତ ଥିଲେ। ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କ ମାଧ୍ୟମରେ ସ୍ୱର୍ଗଦ୍ୱାରରେ ଶବ ସତ୍କାର କରାଯାଇଥିଲା।

## ୪ରେ ପ୍ରୟାସର ପଦଯାତ୍ରା

**ପୁରୀ, ୧।୨(ସମିସ):** ସାମାଜିକ ନ୍ୟାୟ ପ୍ରତିଷ୍ଠା ଓ ମଦ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଆସନ୍ତା ୪ ତାରିଖରେ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହେବ। କଣାସ ବ୍ଲକ ଗଡ଼ଖାରଦ ପଞ୍ଚାୟତ ଅନ୍ତର୍ଗତ ମାଳିସାହି କୁମୁଦେଶ୍ୱର ଦେବଙ୍କ ପୀଠରୁ ୧୫ ହଜାରରୁ ଅଧିକ ଲୋକଙ୍କୁ ନେଇ ଏହି ପଦଯାତ୍ରା ୭୨ କିମି ପରିକ୍ରମା କରିବ। ପଦଯାତ୍ରା ମହୁରା ମେଲଣ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଜନସଭା ଅନୁଷ୍ଠିତ ହେବ ବୋଲି ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅନୁଷ୍ଠାନର ସଭାପତି କୃଷ୍ଣ ଜଗଦେବ ଏବଂ ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ।

ଅଯୋଧ୍ୟାରେ ରଙ୍ଗ ଲଗାଇଲା ରଙ୍ଗଶାଳା

# ଦର୍ଶକଙ୍କ ମନମୋହିଲା ନାଟକ 'ରାମକଥା'



**ପୁରୀ, ୧।୨(ସମିସ)**

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରତିଷ୍ଠା ଉତ୍ସବ ଅବସରରେ ସମଗ୍ର ଦେଶରୁ ଆସିଥିବା ରାମପ୍ରେମୀ ଦର୍ଶକଙ୍କ ମନ ମୋହିଛି ପୁରୀର ରଙ୍ଗଶାଳା ଅନୁଷ୍ଠାନ। ପୁରୀ ସାହିଯାତ ଶୈଳୀରେ 'ରାମକଥା' ନାଟକକୁ ଭିନ୍ନ ଢଙ୍ଗରେ ରାମାୟଣ ଆଧାରରେ ବିଭିନ୍ନ ଦୃଶ୍ୟାବଳୀକୁ ଅତ୍ୟନ୍ତ ଚିତ୍ତାକର୍ଷକ ତଥା ମାର୍ମିକ ଭାବେ ଉପସ୍ଥାପନା କରି ଦର୍ଶକଙ୍କ ଭରପୂର ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଛି। ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଓ ସଂସ୍କୃତି ମନ୍ତ୍ରାଳୟ ଭାରତ ସରକାରଙ୍କ ଉଦ୍ୟମରେ ବିଶିଷ୍ଟ ଅଭିନେତାଙ୍କୁ ନେଇ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ଜାନୁୟାରୀ ୨୯ରୁ ଫେବୃଆରୀ ୧ ତାରିଖ ଯାଏ ଅଯୋଧ୍ୟାର ବିଭିନ୍ନ ରଙ୍ଗମଞ୍ଚରେ ରାମାୟଣର କଥାବସ୍ତୁ ସୀତା ହରଣ, ଜଟାୟୁ ବଧ, ଶବରୀ ପ୍ରସଙ୍ଗ, ରାମ-ହନୁମାନ ଭେଟ, ବାଳୀ-ସୁଗ୍ରୀବ ଯୁଦ୍ଧ, ସେତୁବନ୍ଧ ପ୍ରତିଷ୍ଠା, ରାବଣ ବଧ ପାଇଁ ଦେବୀପୂଜା, ଲଙ୍କାପୋଡି, ରାବଣ ବଧ ଭଳି ବିଷୟଗୁଡିକ ଭିନ୍ନ ନାଟକୀୟ ଢଙ୍ଗରେ ଅଭିନୀତ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିପାରିଛି ରଙ୍ଗଶାଳା। ପୁରୀର ସାହିଯାତ ବେଶ୍ ପ୍ରାଚୀନ। ଏହାକୁ ସର୍ବଭାରତୀୟ ମଞ୍ଚରେ ପ୍ରଦର୍ଶନ କରାଇ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି ରଙ୍ଗଶାଳା। ସଂସ୍କୃତି ମନ୍ତ୍ରାଳୟ ଭାରତ ସରକାରଙ୍କ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ୯ଟି ରାଜ୍ୟରୁ ଆସିଥିବା ୩୦ଟି ରାମାୟଣମଣ୍ଡଳୀ ଏଥିରେ ଭାଗ ନେଇଥିଲେ।

ଓଡ଼ିଶାର ରାମକଥା ନାଟକ, ସାହିଯାତ, ପ୍ରହ୍ଲାଦ ନାଟକ ପ୍ରଦର୍ଶନ ଓ ଲୋକ ନାଟକ ପରମ୍ପରାକୁ ଆଗକୁ ନେବାରେ ଶ୍ରୀ ସାହୁଙ୍କ ପ୍ରଚେଷ୍ଟା ବେଶ୍ ପ୍ରଶଂସନୀୟ। ଏଥିରେ କାଳୁଚରଣ ଦାଶ, ସଂଗ୍ରାମ କେଶରୀ ଦାଶ, ରଞ୍ଜନ ପାଢ଼ୀ, ଗୋପୀନାଥ ପୂଜାପଣ୍ଡା, ଦେବୀପ୍ରସାଦ ମିଶ୍ର, ଯୁଧିଷ୍ଠିର ନାୟକ, ସରୋଜ କୁମାର ସାହୁ, ବିକ୍ରମ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ଜୟପ୍ରକାଶ ବେହେରା, ଘନଶ୍ୟାମ ବେହେରା, ବିଶ୍ୱନ ଜେନା, କୁଶ ଜେନା, ରମେଶ ଚନ୍ଦ୍ର ସାହୁ, ସ୍ୱାତୀଶ୍ରୀ ପରିଡ଼ା, ମଧୁସ୍ମିତା ସାହୁ, ସୁଶ୍ରୀ ସଙ୍ଗୀତା ସାହୁ, ସୁକାନ୍ତି ସାହୁ ପ୍ରଭୃତି ମନଛୁଆଁ ଅଭିନୟ କରିଥିଲେ।

ସ୍ୱଚ୍ଛ ବାଲୁଖଣ୍ଡ ଅଭିଯାନକୁ ଦୃଢ଼ ସମର୍ଥନ

# ସାମିଲ ହେଲେ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ

**ପୁରୀ, ୧।୨(ସମିସ)**



ପୁରୀ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେଭ୍ କୋଷ୍ଟାଲ ଲାଇଫ୍ ଦ୍ୱାରା ଜାନୁଆରୀ ୧ରୁ ୨୬ ତାରିଖ ପର୍ଯ୍ୟନ୍ତ ବାଲୁଖଣ୍ଡ ଅଭୟାରଣ୍ୟକୁ ପ୍ଲାଷ୍ଟିକମୁକ୍ତ ଉଦ୍ଦେଶ୍ୟରେ ସ୍ୱଚ୍ଛ ବାଲୁଖଣ୍ଡ ଅଭିଯାନ ଚାଲିଥିଲା। ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଉସୀ ମା' ମନ୍ଦିରରୁ ଆରମ୍ଭ ହୋଇ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍‌ର ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର ପରିସରରେ ପରିସମାପ୍ତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଭାଗ ନେଇ ସମୁହ ସଚେତନ ବାର୍ତ୍ତା ଦେବା ସହ ପ୍ଲାଷ୍ଟିକମୁକ୍ତ ପାଇଁ ସଂକଳ୍ପ କରିଥିଲେ। ଏଥିରେ ବୁଦ୍ଧିଜୀବୀ, ସାମ୍ବାଦିକ, ଛାତ୍ରଛାତ୍ରୀ ଏହି ଅଭିଯାନରେ ସାମିଲ ହୋଇଥିଲେ। ଏହି ୨୬ ଦିନର ସଚେତନ ଓ ସଫେଇ କାର୍ଯ୍ୟକ୍ରମରେ ପୁରୀରୁ କେଳୁଣୀ ମୁହାଣ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ବେଳାଭୂମି ସଫେଇ ହେବା ସହ ପ୍ଲାଷ୍ଟିକ ମୁକ୍ତ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ପ୍ଲାଷ୍ଟିକମୁକ୍ତ ବାଲୁଖଣ୍ଡ ଏବଂ ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା ରକ୍ଷା। ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ଥିବା ପର୍ଯ୍ୟଟନ ସ୍ଥଳୀ ଯଥା ବେଲେଶ୍ୱର, ଗରୁଡେଶ୍ୱର, ରାମଚଣ୍ଡୀ, ଚନ୍ଦ୍ରଭାଗା ପ୍ରଭୃତି ଜାଗାକୁ ହଜାର ହଜାର ପର୍ଯ୍ୟଟକ ବଣଭୋଜି ପାଇଁ ଆସିଥାନ୍ତି। ସେମାନେ ତାଙ୍କ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ସୁଚାରୁରୂପେ ପରିଚାଳନା କରନ୍ତି ନାହିଁ, ଯାହାଫଳରେ ଜଙ୍ଗଲି ଜୀବଜନ୍ତୁ ଖାଦ୍ୟ ବାସ୍ନାରେ ସେଗୁଡ଼ିକୁ ଖାଇ ମୃତ୍ୟୁମୁଖରେ ପଡ଼ିଥାନ୍ତି। ବେଳାଭୂମି ନିକଟତର ହୋଇଥିବାରୁ ସମୁଦ୍ର ଭିତରକୁ ପ୍ଲାଷ୍ଟିକ ଅଳିଆ ବି ଯାଇଥାଏ, ଯାହା ସାମୁଦ୍ରିକ ଜୀବଙ୍କ ପାଇଁ ବିପଦ। ତେଣୁ ଏସବୁର ସୁରକ୍ଷା ପାଇଁ ବାଲୁଖଣ୍ଡ ଅଭୟାରଣ୍ୟକୁ ପ୍ଲାଷ୍ଟିକମୁକ୍ତ କରିବା ଲାଗି ସଙ୍ଗଠନ ଏହି ଅଭିଯାନ ଚଳାଇଥିଲା। ଏହି କର୍ଯ୍ୟକ୍ରମକୁ ସେଭ୍ କୋଷ୍ଟାଲ ଲାଇଫର ସଦସ୍ୟ ସରୋଜ କୁମାର ଜେନା ପରିଚାଳନା କରିଥିବାବେଳେ ସଦସ୍ୟ ଶୁଭେନ୍ଦୁ ରାଉତରାୟ, ମନୋରଞ୍ଜନ ବେହେରା, ଅକ୍ଷୟ ବାରିକ, ହେମନ୍ତ ପାଇକରାୟ, ଦେବାଶିଷ ପାତ୍ର, ମିଥୁନ ଛୋଟରାୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୁରୀ ଓ କୋଣାର୍କର ସାମ୍ବାଦିକ, ପରିବେଶବିତ୍, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଏବଂ ଅଭୟାରଣ୍ୟ ମଧ୍ୟରେ ଥିବା ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ଅଂଶୀଦାର ଭାବେ ପ୍ଲାଷ୍ଟିକ ମୁକ୍ତ ପ୍ରୟାସରେ ଯୋଗଦେଇଥିଲେ।

## 'ଭଗବତୀ ଥିଲେ ସାମ୍ୟବାଦୀ ଆନ୍ଦୋଳନର ଭଗିରଥ'




**ପୁରୀ, ୧।୨(ସମିସ):** ଭଗବତୀ ବିଦ୍ୟା ନିକେତନର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ କ୍ରାନ୍ତି ଚେତନାର ପୂର୍ଣ୍ଣାନୁଗତ, ସାମ୍ୟବାଦୀ ଚେତନା ପୁରୁଷ, ପ୍ରଗତିଶୀଳ ସାହିତ୍ୟିକ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଉତ୍ସବ ଅଠରନଳାସ୍ଥିତ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ରମେଶ ଦାଶ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଈ ଓ ଡାକ୍ତର ପ୍ରଫୁଲ୍ଲ ମହାପାତ୍ର ମଞ୍ଚାସୀନ ଥିଲେ। ଗୋଲଡି ଭଞ୍ଜ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଦାଶ କହିଥିଲେ ଯେ, ଭଗବତୀ ଥିଲେ ଓଡ଼ିଶାର ସାମ୍ୟବାଦୀ ଆନ୍ଦୋଳନର ଭଗିରଥ ଏବଂ ପ୍ରଗତିଶୀଳ ସାହିତ୍ୟ ଓ ସଂସ୍କୃତି ଆନ୍ଦୋଳନର ମୁଖ୍ୟ ମାର୍ଗଦର୍ଶକ। ଭଗବତୀଙ୍କୁ ମାଟିର ମଣିଷ ଓ ସାମ୍ୟବାଦୀ ପୁରୁଷ ବୋଲି ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସେ ସର୍ବଦା ଏକ ଶୋଷଣ, କଷଣ ଏବଂ ସାଲିସ ବିହୀନ ସମାଜ ଗଢ଼ିବାକୁ ଚାହୁଁଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ଭଗବତୀ ଆଦର୍ଶ ଓ ଚେତନାର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଉତ୍ସବରେ ୧୨ଜଣ କୁନିକୁନି ବିଦ୍ୟାର୍ଥୀ ଭଗବତୀଙ୍କ ଆଦର୍ଶ ଏବଂ ବିଦ୍ୟାଳୟ ସମ୍ପର୍କରେ ନିଜର ମତ ରଖିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାରେ ଗଡ଼ିବ ୩୮ ଲକ୍ଷ୍ମୀ ବସ୍

## ପ୍ରସ୍ତୁତ ହେବ ୨୯୭ ଷ୍ଟପେଜ୍, ନୂଆ ନିର୍ମାଣ ହେବ ୨୨୩

ନୟାଗଡ଼, ୧।୨(ସମିସ): ନୟାଗଡ଼ ଜିଲ୍ଲାରେ ଗଡ଼ିବ ୩୮ ଲକ୍ଷ୍ମୀ ବସ। ଏଥିପାଇଁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାର କୋଣ ଅନୁକୋଣରୁ ସହରକୁ ଯାତାୟତ ପାଇଁ ଏହି ବସସେବା ରାଜ୍ୟ ସରକାର ଆରମ୍ଭ କରୁଛନ୍ତି। ନୟାଗଡ଼ ଜିଲ୍ଲାରେ ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ଲକ୍ଷ୍ମୀବସ ସେବା ଶୁଭାରମ୍ଭ ହେବାର ସମ୍ଭାବନା ରହିଛି। ଏଥିପାଇଁ ଜିଲ୍ଲାରେ ୨୯୭ଟି ଷ୍ଟପେଜ୍ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ପୂର୍ବରୁ ଜିଲ୍ଲାରେ ରହିଥିବା ୭୪ ବସ୍‌ଷ୍ଟପକୁ ପ୍ରାଥମିକ ପର୍ଯ୍ୟାୟରେ ଗୁରୁତ୍ୱ ଦିଆଯାଇଛି। ସେଥି ମଧ୍ୟରୁ ୫୭ଟି ଷ୍ଟପେଜ୍ ମରାମତି କାର୍ଯ୍ୟ ସରିଛି। ବଳକା ୨୨୩ଟି ନୂତନ ବସ୍‌ଷ୍ଟପ ନିର୍ମାଣ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ତାହା ମଧ୍ୟରୁ ୯୫ଟିର କାର୍ଯ୍ୟ ଆରମ୍ଭ ହୋଇ ସାରିଛି। ରାଜ୍ୟ ସରକାର ଲୋକଙ୍କୁ ଯାତାୟତ ସୁବିଧା ପାଇଁ ୫ ଟଙ୍କା ଏବଂ ୧୦ ଟଙ୍କା ମୂଲ୍ୟ ବିନିମୟରେ ବସ ସେବା ଯୋଗାଇ ଦେବାକୁ ଲକ୍ଷ ରଖିଛନ୍ତି। ଅନ୍ୟ ଜିଲ୍ଲାରେ ଏହି ସେବା ଆରମ୍ଭ ହୋଇ ସାରିଛି। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକର ୧୯୪ଟି ପଞ୍ଚାୟତକୁ ଏହି ସେବା ମିଳିବ। ମୁଖ୍ୟତଃ ଆଦିବାସୀ ଅଧୁଷିତ ତଥା ଉପାନ୍ତ ଅଞ୍ଚଳ ଗୁଡିକୁ ଯାତାୟତ ପାଇଁ ଲକ୍ଷ୍ମୀବସ ସେବା ବେଶ ସହାୟକ ହେବ। ନୟାଗଡ଼ ଜିଲ୍ଲାର ରଣପୁର, ନୂଆଗାଁ, ଦଶପଲ୍ଲା, ଗଣିଆ ବ୍ଲକ ପାଇଁ ଲକ୍ଷ୍ମୀବସ ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିବ। ନୟାଗଡ଼ ଜିଲ୍ଲା ଆଦିବାସୀ ତଥା ଉପାନ୍ତ ଅଞ୍ଚଳରେ ଗଣିଆ ବ୍ଲକ ବଡଶିଳିଙ୍ଗା ଓ ଛାମୁଣ୍ଡିଆ ପଞ୍ଚାୟତ ଅବସ୍ଥିତ। ଏହି ୨ ପଞ୍ଚାୟତରେ ୫୦ ଗ୍ରାମ ରହିଛି। ବିଭିନ୍ନ ସମୟରେ ନୟାଗଡ଼ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଓ ଦଶପଲ୍ଲାକୁ ଲୋକଙ୍କର ବିଭିନ୍ନ କାର୍ଯ୍ୟ ପଡୁଛି। ଏହି ଅଞ୍ଚଳରୁ ନୟାଗଡ଼କୁ ଏ ଯାଏଁ କୌଣସି ଯାତ୍ରୀବାହୀ ବସ୍ ସେବା ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଣିଆଠାରୁ ଛାମୁଣ୍ଡିଆ ୧୫ କିଲୋମିଟର ଦୂର ହୋଇଥିବା ବେଳେ ବଡସିଲିଙ୍ଗାଠାରୁ ଗଣିଆ ୩୫ କିଲୋମିଟର ଦୂର। ଗଣିଆଠାରୁ ନୟାଗଡ଼ ୬୦ କିଲୋମିଟର ଦୂରତା ଅଟେ। ଦୈନିକ ଯାତ୍ରୀବାହୀ ବସ୍ ଚଳାଚଳ ହେଉନଥିବାରୁ ବ୍ୟକ୍ତିଗତ ଭାବେ ଅଟୋ କିମ୍ବା ଅନ୍ୟ ଯାନବାହନ ଭଡା କରି ବହୁ ଅର୍ଥ ବ୍ୟୟ କରି ଯାତାୟତ କରିଥାନ୍ତି। ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନାରେ ଛାମୁଣ୍ଡିଆ କିମ୍ବା ବଡସିଲିଙ୍ଗାକୁ ନୟାଗଡ଼ ବସ୍ ଚଳାଚଳ କରାଗଲେ ଏହି ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା କରିଛନ୍ତି। ନୟାଗଡ଼ ଜିଲ୍ଲାରେ ଗଣିଆ, ଖଣ୍ଡପଡ଼ା, ରଣପୁରଠାରେ ବସଷ୍ଟାଣ୍ଡ ନିର୍ମାଣ ଶେଷ ହୋଇଥିବା ବେଳେ ଓଡଗାଁଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ଶେଷ ହୋଇଛି। ନୟାଗଡ଼ ନୂଆବସଷ୍ଟାଣ୍ଡ ମଧ୍ୟ କାର୍ଯ୍ୟକ୍ଷମ ହୋଇ ସାରିଛି। ଫଳରେ ପ୍ରାଥମିକ ପର୍ଯ୍ୟାୟରେ ବସ ଚଳାଚଳ ପାଇଁ କୌଣସି ଅସୁବିଧା ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜିଲ୍ଲାବାସୀ ଲକ୍ଷ୍ମୀବସ ସେବା ଶୁଭାରମ୍ଭ ଅପେକ୍ଷାରେ ରହିଛନ୍ତି।




# ମନମୋହୁଛି ପ୍ରଶାନ୍ତଙ୍କ ବାଲୁକା କଳା

ଖଣ୍ଡପଡ଼ା, ୧।୨(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକରେ ବିଭିନ୍ନ କୁଶଳୀ କାରିଗର, କୁଟୀରଶିଳ୍ପ, ଚିତ୍ରଶିଳ୍ପୀ ଆଦି କାରୁକାର୍ଯ୍ୟ ପାଇଁ ଖ୍ୟାତିଲାଭ କରିଥିବା ବେଳେ ବାଲୁକା ଶିଳ୍ପୀ ଭାବେ ପ୍ରଶାନ୍ତ କୁମାର ସାହୁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ସୁନ୍ଦର ସୁନ୍ଦର ବାଲୁକା କଳାକୃତିକୁ ଦେଖିବା ପାଇଁ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବଡ଼ ଲୋକଙ୍କ ମଧ୍ୟ ଭିଡ ହୋଇଥାଏ। କଣ୍ଟିଲୋ ପଞ୍ଚାୟତ ଅଧୀନ ଖୁଦବେହେରା ପାଟଣା ଗ୍ରାମର ଶିଳ୍ପୀ ପ୍ରଶାନ୍ତ ସାହୁ। ତାଙ୍କ କାରିଗରି ବିଦ୍ୟାରେ ବାଲିରେ ନିର୍ମିତ ଦେବାଦେବୀ, ମନ୍ଦିର, ମହାପୁରୁଷ, ଜୀବଜନ୍ତୁ, ବୃକ୍ଷଲତା ଏଠି ଜୀବନ୍ତ ହେବା ସହ ଆଖି ଝଲସି ଉଠିଲା ଭଳି ଆର୍କଷଣୀୟ ଭଳିକି ଭଳି ରଙ୍ଗ ବେରଙ୍ଗ ଚିତ୍ର ଖୁବ ଉଚ୍ଚ କୋଟିର ହୋଇଥାଏ। ବିଶେଷ ଭାବେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ଚିତ୍ରକଳା ଦେଖିବାକୁ ଯେତିକି ସୁନ୍ଦର ସେତିକି ମନୋରମ ମଧ୍ୟ। ସୁନ୍ଦର ବାଲୁକା କାରିଗରୀ ପାଇଁ ନୟାଗଡ଼, ନରସିଂହପୁର, ଢେଙ୍କାନାଳ, ପୁରୀ ବେଳାଭୂମି, କଟକ ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ପର୍ବ, ମହୋତ୍ସବ ଓ ଶିକ୍ଷାନୁଷ୍ଠାନରେ ଦେବା ଦେବୀଙ୍କ ମୂର୍ତ୍ତି ଆକର୍ଷଣୀୟ କରିଥାଏ। ଅନ୍ୟ କଳାକୃତିରେ ଜେଜେଙ୍କର ଖୁବ ନାଁ ରହିଥିବା ବେଳେ ପିଲାଟି ଦିନରୁ ନିରନ୍ତର ଭାବେ ଖୁବ ନିକଟରୁ ମନ ଧ୍ୟାନ ଦେଇ ଦେଖୁଥିଲେ ପ୍ରଶାନ୍ତ। ଜେଜେଙ୍କ ମୃତ୍ୟୁ ପରେ ମୂର୍ତ୍ତି ଓ ମେଢ଼ କାରିଗରୀ ବିଦ୍ୟାକୁ ଧୀରେ ଧୀରେ ଆରମ୍ଭ କରିଥିଲେ ପ୍ରଶାନ୍ତ। ଅଭିଜ୍ଞତାକୁ ଆଧାର କରି କୌଣସି ପ୍ରଶିକ୍ଷଣ ନପାଇ ଦୀର୍ଘ ୧୫ ବର୍ଷର ଏହି କାରିଗରୀ ନିଶା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ସେ କୁହନ୍ତି। ବାଲୁକା କଳା ପାଇଁ ପ୍ରଶାନ୍ତଙ୍କୁ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ପ୍ରୋତ୍ସାହନ ସ୍ୱରୂପ ମାନପତ୍ର, ଟ୍ରଫି ଓ ଉତ୍ତରୀୟ ପାଇଥିବା କହିଛନ୍ତି। କେବଳ ସେତିକି ନୁହେଁ ବିଭିନ୍ନ ଧାତୁରେ ପ୍ରତିମୂର୍ତ୍ତି ନିର୍ମାଣ କରି ଏ ଅଞ୍ଚଳର ଜଣେ ସୁନାମଧନ୍ୟ କଳାକାର ଆଖ୍ୟା ଅର୍ଜନ କରିଛନ୍ତି ପ୍ରଶାନ୍ତ। ଶିଳ୍ପୀ ପ୍ରଶାନ୍ତ ଜିଲ୍ଲା ପାଇଁ ଗୌରବ ଆଣିଥିବା ବେଳେ ସହଯୋଗ ମିଳିଲେ କରାଗଲେ ସେ ଆହୁରି ଆଗକୁ ଯାଇପାରିନ୍ତେ।




# ପଞ୍ଚାୟତ ଓ ସମିତି କାର୍ଯ୍ୟାଳୟରୁ ଚୋରି

**● କଳା ରଙ୍ଗର କାର୍‌କୁ ନେଇ ସନ୍ଦେହ**

ଓଡଗାଁ, ୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ନୂଆଗାଁ ବ୍ଲକ ହରିପୁର ପଞ୍ଚାୟତ ଓ ସମବାୟ ସମିତି କାର୍ଯ୍ୟାଳୟରୁ ୩ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ଘଟଣା ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ରାତି ପ୍ରାୟ ସାଢେ ଦୁଇଟା ବେଳେ ଏକ କଳା ରଙ୍ଗର କାର ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରୁ ବାହାରିଥିବା ନେଇ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ଜଣାଯାଇଛି। ଚୋରି ପାଇଁ ଚୋରମାନେ ଯଦି ଉକ୍ତ କାରକୁ ବ୍ୟବହାର କରିଥାନ୍ତି ତେବେ କଳା ରଙ୍ଗର କାରକୁ ଆଧାର କରି ପୁଲିସ୍ ଖୁବଶିଘ୍ର ଅଭିଯୁକ୍ତଙ୍କ ପାଖରେ ପହଁଞ୍ଚିବା ସମ୍ଭବ ହୋଇପାରେ। ଘଟଣାର ପ୍ରାଥମିକ ତଦନ୍ତରୁ ଜଣାଯାଏ ଗୋଟିଏ କ୍ୟାମ୍ପସ ମଧ୍ୟରେ ଥିବା ହରିପୁରୁ ପଞ୍ଚାୟତ ଓ ସମବାୟ ସମିତିରୁ ବୁଧବାର ବିଳମ୍ବିତ ରାତିରେ ପଞ୍ଚାୟତ ତାଲା ଭାଙ୍ଗି ଦୁଇଟି ଏଲିଡି ଟିଭି, କମ୍ପ୍ୟୁଟର ସହିତ ସମବାୟ ସମିତିରୁ ଇନଭଟର, ବ୍ୟାଟେରୀ, କ୍ୟାମେରା ଏବଂ ଡ୍ରରେ ଥିବା ୨୧୭୬ ଟଙ୍କା ସହିତ ହାରାହାରି ୩ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ସରପଞ୍ଚ ଜିତେନ୍ଦ୍ର ଖଟୁଆ ଓ ସମବାୟ ସମିତି ସମ୍ପାଦକ ଅମିତ୍ କୁମାର ବେହେରା ଲିଖିତ ଅଭିଯୋଗ କରିଛନ୍ତି।

# ବିଜେଡିରେ ଯୋଗଦେଲେ ବିଜେପି କର୍ମୀ

ନୟାଗଡ଼, ୧।୨(ସମିସ): ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ନାଟୁଗାଁ ପଞ୍ଚାୟତ ଅନ୍ତର୍ଗତ ଖେଡ଼ବାରଣା ଗ୍ରାମର ବିଜେପି ଦଳର ଆଗ ଧାଡ଼ିର ନେତା ଓ କର୍ମୀମାନେ ବିଦ୍ଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ସୁନିଲ କୁମାର ଜେନା, ସୁବ୍ରତ ପ୍ରଧାନ, ନବ କିଶୋର ନାୟକ, ଲକ୍ଷ୍ମୀଧର ରାଉତ, ଅନାଦି ଚରଣ ପ୍ରଧାନ, ବିନାୟକ ରାଉତ, ପ୍ରଦ୍ୟୁମ୍ନ କୁମାର ପ୍ରଧାନ, ବୈଷ୍ଣବ ଚରଣ ଲେଙ୍କା, ନବୀନା ବିଶ୍ୱାଳ, ଗୋବର୍ଦ୍ଧନ ରାଉତ, ପ୍ରଫୁଲ୍ଲ ମାଝୀ, ରବୀନ୍ଦ୍ର ପ୍ରଧାନ, ଭୁବନେଶ୍ୱର ପ୍ରଧାନ, ଅନିରୁଦ୍ଧ ରାଉତ, ହୃଷିକେଶ ରାଉତ, ଦାଶରଥି ରାଉତ, ଗିରିଧାରୀ ରାଉତ ଓ ଦୋଳିଆ ଜେନା ପ୍ରଭୃତି ୧୮ ପରିବାର ଗୁରୁବାର ବିଜେଡିରେ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ସମସ୍ତେ ଏକତ୍ରିତ ହୋଇ ନାଟୁଗାଁ ପଞ୍ଚାୟତରେ ବିଜେଡିକୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପ ବଦ୍ଧ। ଏହି ମିଶ୍ରଣ ପର୍ବରେ ଜିଲ୍ଲା ପରିଷଦ କ୍ଷୀରୋଦ କୁମାର ମହାପାତ୍ର, ଜିଲ୍ଲା ପରିଷଦ ଆଶିଷ କୁମାର ଅଗ୍ରୱାଲ, ବିଜେଡ଼ି ଜିଲ୍ଲା ଉପସଭାପତି ପଦ୍ମ ଚରଣ ଉଦୟଭାନୁ, ଗଗନ ବିହାରୀ ମିଶ୍ର, ସମାଜସେବୀ ଭଗବାନ ଜେନା, ଦିଲ୍ଲୀପ ନାୟକ, ବ୍ରଜବନ୍ଧୁ ବରାଡ, ପ୍ରଦୀପ ଜେନା, ସୁବାଷ ରାଉତ, ଯୁଗଳ ପରିଡ଼ା, ଅଶୋକ ରାଉତ, ଧୀରେନ୍ଦ୍ର ବେହେରା, ମନୋରଞ୍ଜନ ମହାପାତ୍ର, ବିଶ୍ୱନାଥ ନାୟକ ଓ ଏକାଦଶୀ ବିଶ୍ୱାଳ ପ୍ରମୁଖ ନେତା ମାନେ ଉପସ୍ଥିତ ରହିଥିଲେ।



# ଜିଲ୍ଲାପାଳଙ୍କ ଡାକ୍ତରଖାନା ପରିଦର୍ଶନ ଓ ସମୀକ୍ଷା



ନୟାଗଡ଼, ୧।୨(ସମିସ): ନୟାଗଡ଼ ନୂଆ ଜିଲ୍ଲାପାଳ ସ୍ୱଧା ଦେବ ସିଂ ଗୁରୁବାର ଅପରାହ୍ନରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ପରିଦର୍ଶନ ସହ ସମୀକ୍ଷା କରିଥିଲେ। ଆମ ହସ୍ପିଟାଲ ଯୋଜନାରେ ଚାଲିଥିବା ସମସ୍ତ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥି ସହିତ ଏମ୍ସିଏଚ୍ ବିଲ୍ଡିଂ, ଲେବର ରୁମ ବୁଲି ଦେଖିଥିଲେ। ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଗୃହକୁ ଯାଇ ମେଡିସିନ୍ ୱାର୍ଡ, ସର୍ଜରୀ ୱାର୍ଡ ପରିଦର୍ଶନ କରିବା ସହ ଏହାର ସମୀକ୍ଷା କରିଥିଲେ। ଜିଲ୍ଲାପାଳ ବ୍ଲଡ ବ୍ୟାଙ୍କ, ଏନଆରସି ଓ ଡିଡିସି ଗୃହ ଦେଖିଥିଲେ। ଡାକ୍ତରଖାନା ଭିତରେ ଥିବା ଗାଡି ପାର୍କିଂ ସ୍ଥାନ, ହେଲ୍ପ ଡେସ୍କ ପରିଦର୍ଶନ କରିଥିଲେ। ଡାକ୍ତରଖାନାରେ ଡାକ୍ତର ସମସ୍ୟା କଣ ରହିଛି ଏହା ଉପରେ ଆଲୋଚନା କରିଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରେ କିଶୋରୀ ମେଳା

ଖଣ୍ଡପଡ଼ା, ୧।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଢୋଲମରା ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଖଣ୍ଡପଡ଼ା ଆଇସିଡିଏସ ଦ୍ୱାରା ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ମାଧ୍ୟମରେ ୨୦୨୩-୨୪ର କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଢୋଲମରା ସରପଞ୍ଚ ମୁକ୍ତା ପରିଡ଼ା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଂଯୋଜକ ସୁଦୀପ୍ତ କୁମାର ସାହୁ, ଏନଏମ. ନଳିନୀ ସ୍ୱାଇଁ, ଆଇସିଡିଏସ୍ ଅଧିକାରୀ ମଞ୍ଜୁଲତା ସାହୁ, ସରତ ମଞ୍ଜରି ବେହେରା, ଲକ୍ଷ୍ମୀ ବସନ୍ତରା, ଅଙ୍ଗନବାଡ଼ି କେନ୍ଦ୍ରର ଯାଞ୍ଚ କମିଟି ସଭ୍ୟ ଟିକିନା ସାହୁ, ଲିପା ମଞ୍ଜରି ସାଥୁଆ, ଅଙ୍ଗନବାଡ଼ି କର୍ମୀ ଅନୁପମା ସାହୁ, ବାସନ୍ତୀ ସାହୁ, ଫୁଲ ନାଏକ, ରୋଜାଲିନ ପ୍ରଧାନ, ବିନୋଦିନୀ ମହାନ୍ତି, ଜୟନ୍ତୀ ପରିଡ଼ା, ଅମ୍ବିକା ପଟ୍ଟନାୟକ, ସହାୟିକା ଭାରତୀ ସାହୁ, ପ୍ରତିମା ସାହୁ ଓ କୁମୁଦିନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳା ମାଧ୍ୟମରେ ବାଲ୍ୟ ବିବାହ, ୧୫ରୁ୧୯ ବର୍ଷ ବୟସର କିଶୋରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଇବା ଓ ପୃଷ୍ଟିକର ଖାଦ୍ୟ ବିଷୟରେ ବୁଝାଇବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା।

# ‘ନୂଆ-ଓ’ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭାପୁର, ୧।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ ପ୍ରତିଷ୍ଠିତ ପ୍ରହ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ କାର୍ଯ୍ୟକ୍ରମରେ ଓଡିଆ ଭାଷା ସାହିତ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାଗୃତ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତି ଉପରେ ଛାତ୍ରଛାତ୍ରୀଙ୍କୁ ଜ୍ଞାନ ଓ ସଚେତନତା କରିବା ପାଇଁ ଅନେକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏ ଉପଲକ୍ଷେ ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷା ପୂର୍ଣ୍ଣିମା ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା କରୁଥିବା ଡ ଗଣେଶ୍ୱର ସ୍ୱାଇ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ନାରାୟଣ ତ୍ରିପାଠୀ, ନୂଆ-ଓ ର ନୋଡାଲ ଅଫିସର ଅଧ୍ୟାପକ ରବୀନ୍ଦ୍ର କୁମାର ମଲ୍ଲ, ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଯୋଗ ଦେଇଥିଲେ। ଅଧ୍ୟାପକ ପବିତ୍ର କୁମାର ବସ୍ତି ଜଗନ୍ନାଥ ଭଜନ ଗାନ କରି ସମସ୍ତଙ୍କୁ ଚମତ୍କୃତ କରିଥିଲେ। ଜଗନ୍ନାଥ ସଂସ୍କୃତି ଉପରେ ହୋଇଥିବା ପ୍ରତିଯୋଗିତାରେ ଲକ୍ଷ୍ମୀପ୍ରିୟା ବାରିକ ପ୍ରଥମ ସ୍ଥାନ ଅଧିକାର କରି ମାନପତ୍ର ପାଇବା ସହ ସମ୍ମାନିତ ହୋଇଥିଲେ। ସେହିଭଳି ଭାବେ ଭାପୁର ବ୍ଲକ ଅନ୍ତର୍ଗତ ଟିକିରିପଡ଼ା ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ କଲେଜର ସଭାଗୃହରେ ଓଡିଆ ସାହିତ୍ୟ ପ୍ରତିଯୋଗୀତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପବିତ୍ର ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବାଙ୍କୀ ସ୍ୱୟଂଶାସିତ କଲେଜ ବିଭାଗର ମୁଖ୍ୟ ଡଃ ସନ୍ତୋଷ କୁମାର ପଣ୍ଡା, ମୁଖ୍ୟଅତିଥି ଭାବରେ କଣ୍ଟିଲୋ ନୀଳମାଧବ କଲେଜ ବିଭାଗର ମୁଖ୍ୟ ଡଃ ନିରୋଦ କୁମାର ମନ୍ତ୍ରୀ, ସମ୍ମାନିତ ଅତିଥି ଭାବେ ନୋଡାଲ ଅଫିସର ଅଧ୍ୟାପକ ଡଃ ସାରଙ୍ଗଧର କର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାହୁ, ନୋଡାଲ ଅଫିସର ବରିଷ୍ଠ ଅଧ୍ୟାପିକା ବିଜୟ ଲକ୍ଷ୍ମୀ ମଙ୍ଗରାଜ, ଯୁବ ସାମ୍ବାଦିକ ପ୍ରଭାତ କୁମାର ବରାଡ଼ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।




# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟକୁ ସମ୍ମାନ



ଖଣ୍ଡପଡ଼ା, ୧।୨(ସମିସ):ରାଜ୍ୟସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ଏବଂ ‘୫-ଟି’ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୟାଗଡ଼ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ମାନ୍ୟତା ମିଳିଥିବାର ସୂଚନା ମିଳିଛି। ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇ, ଶିକ୍ଷକ ରାଜକିଶୋର ମଲ୍ଲିକ, ଶିକ୍ଷକ ମନୋଜ କୁମାର ନାୟକ ଏବଂ ମାଟ୍ରିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ର ଶିବପ୍ରସାଦ ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟରେ ଶିକ୍ଷାର ସାମଗ୍ରିକ ବିକାଶ ସହ ପିଲାଙ୍କ ବୌଦ୍ଧିକ ବିକାଶ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତେବେ କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟକୁ ମିଳିଥିବା ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ସମଗ୍ର ଖଣ୍ଡପଡ଼ା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।

**● ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ**

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଓଡଗାଁ, ୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବସନ୍ତ କିଶୋର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଡ. ସାହୁ ଛାତ୍ରଛାତ୍ରୀଙ୍କ ସହିତ ପ୍ରଶ୍ନୋତ୍ତର ଛଳରେ ବିଭିନ୍ନ ପ୍ରକାର ଆଳାପ ଆଲୋଚନା କରି କେବଳ ପାଠପଢ଼ା ନୁହେଁ ତାହା ସହିତ ପାରିପାର୍ଶ୍ୱିକ ସାଧାରଣ ଜ୍ଞାନ ଆହରଣ କରିବା ନିହାତି ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, ନନ୍ଦିଘୋର ପଞ୍ଚାୟତ ସରପଞ୍ଚ ଶ୍ୱେତଲୀନା ମିଶ୍ର, ସମିତି ସଭ୍ୟା ମାନସୀ ସ୍ୱାଇଁ ଓ ସମାଜସେବୀ ସୂର୍ଯ୍ୟ ନାରାୟଣ ଚୌଧୁରୀ ଯୋଗଦାନ କରି ଉଦ୍‌ବୋଧନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଚାଳନା କମିଟି ସଭାପତି ମନୋଜ କୁମାର ସାହୁ ଓ ଆଲୁମିନ କମିଟି ସଭାପତି ପ୍ରଦ୍ୟୁମ୍ନ କୁମାର ନାୟକ ଉପସ୍ଥିତ ଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶ୍ରୀଧର ପରିଡ଼ା ଓ ବିଜୟ କୁମାର ଗାଆଣ ମଞ୍ଚ ପରିଚାଳନା କରିଥିଲେ।




**ଫ୍ଲଡ ଲାଇଟ୍ ସର୍କଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ଶ୍ରୀରାମ ସ୍ପୋର୍ଟ୍ସ ଚାମ୍ପିଅନ

ଓଡ଼ଗାଁ, ୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ଫ୍ଲଡ୍ ଲାଇଟ୍ ସର୍କଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସ୍ମାଇଲ ଇଲେଭେନ ରନର୍ସପ ଟ୍ରଫି ହାସଲ କରିଥିବା ବେଳେ ଶ୍ରୀରାମ ସ୍ପୋର୍ଟସ ଚାମ୍ପିଅନ ଟ୍ରଫି ସହିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କ୍ରିକେଟ୍ କମିଟ ନିଷ୍ପତ୍ତି ଅନୁସାରେ ୩ ଫର୍ମାଟରେ ଫାଇନାଲିଷ୍ଟ ବାଛିବା ପାଇଁ ନିତି ନିର୍ଦ୍ଧାରଣ କରାଯାଇ ଆଜିର ଫାଇନାଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ତଦନୁଯାୟୀ ସ୍ମାଇଲ ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୧ ରନ ସଂଗ୍ରହ କରିଥିବା ବେଳେ ଶ୍ରୀରାମ ସ୍ପୋର୍ଟସ ୮.୪ ଓଭରରେ ୧୦୫ ରନ କରି ମ୍ୟାଚ୍ ଜିତି ଯାଇଥିଲା। ସେହିପରି ଦ୍ୱିତୀୟ ଫର୍ମାଟରେ ସ୍ମାଇଲ ଦଳ ୬୭ ରନରେ ସୀମିତ ରହିଥିବା ବେଳେ ୬୮ ରନକରି ଶ୍ରୀରାମ ସ୍ପୋର୍ଟସ ଦୁଇଟିଯାକ ଫର୍ମାଟରେ ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଶ୍ରେଷ୍ଠ ବ୍ୟାଟର ଜ୍ୟୋତି ପ୍ରକାଶ ମାଝି ଶ୍ରେଷ୍ଠ ବୋଲର ଭାବେ ଉମାକାନ୍ତ ମହାପାତ୍ର, ବେଷ୍ଟ ଉଇକେଟ୍ କିପର ଭାବେ ବୁଲୁ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ଗାଁ ସାମ୍ବାଦିକ ସଂଘ, ଓଡ଼ଗାଁ ସଭାପତି ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପସଭାପତି ଆଦର୍ଶ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଏବଂ ବରିଷ୍ଠ ସାମ୍ବାଦିକ ସାରସ କୁମାର ମିଶ୍ର ଓ ଅବସରପ୍ରାପ୍ତ କ୍ରିଡା ଶିକ୍ଷକ ଜୟକୃଷ୍ଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଖେଳମଣିଷ ଦିବାକର ନାୟକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।



**‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା**

# ବିକାଶ ଓ ଉନ୍ନତିକୁ ସର୍ବଦା ଗୁରୁତ୍ୱ

ଓଡଗାଁ, ୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ରୋହିବାଙ୍କ, କୋମଣ୍ଡ, ରଙ୍ଗଣିପାଟଣା, ପନ୍ତିଖାରୀ ପଞ୍ଚାୟତସ୍ତରୀୟ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ବୋଧନ ଦେଇଛନ୍ତି। ଉତ୍କଳୀୟ ପରମ୍ପରାରେ ଜଗନ୍ନାଥ ସଂସ୍କୃତିର ନିବିଡ଼ ସମ୍ପର୍କ ରହିଛି। ଏହାର ସୁରକ୍ଷା ଓ ସୁପରିଚାଳନା ପ୍ରତ୍ୟେକ ଓଡ଼ିଆଙ୍କ ଦାୟିତ୍ୱ। ସ୍ଥାନୀୟ ଲୋକକଳା ଓ ସଂସ୍କୃତି ଏବଂ ପରମ୍ପରା ମାଧ୍ୟମରେ ଗୌରବ ଗାରିମାକୁ ପ୍ରଚାର ପ୍ରସାର କରିବାର ଆବଶ୍ୟକତା ରହିଛି। ପନ୍ତିଖାରୀ ପଞ୍ଚାୟତରେ ବାରପୁରିକିଆ କୁସୁମି ସେତୁ ନିର୍ମାଣ ହୋଇଥିବା ବେଳେ ଓଡ଼ଗାଁରୁ ବାହାଡାଝୋଲାକୁ ସଂଯୋଗ କରୁଥିବା ରାସ୍ତାର ମଶାବାରୀ କୁସୁମି ନଦୀ ପୋଲ ନିର୍ମାଣ ପାଇଁ ୫ କୋଟିରୁ ଉକାଟ ଟଙ୍କା ମଞ୍ଜୁର ହୋଇଥିବା ନେଇ ବିଧାୟକ ସୂଚନା ଦେଇଥିଲେ। ସେହିପରି ରଙ୍ଗଣୀପାଟଣା ପଞ୍ଚାୟତରେ ୫ଟି ସ୍କୁଲ, କୋମଣ୍ଡ ରୋହିବାଙ୍କରେ ପକ୍କା ସଡକ ସହିତ ସାଧାରଣ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଭଳି ବିକାଶମୂଳକ ଯୋଜନାର ବିବରଣୀ ପ୍ରଦାନ କରିଥିଲେ। କୋମଣ୍ଡରେ ଡାକ୍ତରଖାନା ଗୃହ ନିର୍ମାଣ ସହିତ ସ୍ଥାୟୀ ଡାକ୍ତର ନିଯୁକ୍ତି ଏବଂ ଆନନ୍ଦ ସାହୁ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ମାର୍ଟ କ୍ଲାସରୁମ, ସାମ୍ପ୍ରତିକ ସମୟରେ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ନୂତନ ସମ୍ଭାବନା ସୃଷ୍ଟି କରିଛି ବୋଲି କହିଥିଲେ। ବିକାଶ ଓ ଉନ୍ନତୀକୁ ସର୍ବଦା ଗୁରୁତ୍ୱ ଦିଆଯାଉଛି ବୋଲି ବିଧାୟକ କହିଛନ୍ତି। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ମାନଙ୍କରେ ଅନୁଷ୍ଠିତ ସଚେତନତା ଶିବିରରେ ଉପଧ୍ୟକ୍ଷା ମୀରା ନାୟକ, ଜିଲ୍ଲା ପରିଷଦ ସଭ୍ୟା ଝିଲ୍ଲୀ ପ୍ରଧାନ, ବିରଜାଲକ୍ଷ୍ମୀ ସାହୁ, କୋମଣ୍ଡ ସରପଞ୍ଚ ଦୀପିକା ସେଠୀ ପ୍ରମୁଖଙ୍କ ସହିତ ଅନ୍ୟ ପଞ୍ଚାୟତର ନିର୍ବାଚନ ପ୍ରତିନିଧିଙ୍କ ଉପସ୍ଥିତିରେ ସଚେତନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



## ଜିଲ୍ଲାପାଳଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ



**ଖୋର୍ଦ୍ଧା,୧।୨(ସମିସ):** ନୂତନ ଜିଲ୍ଲାପାଳ ଚଞ୍ଚଳ ରାଣା ଗୁରୁବାର ଅପରାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ଡାଇଲିସିସ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବାବେଳେ ଏହାପରେ ଡିଏଚ୍‌ଏଚର ବିଭିନ୍ନ ବିଭାଗ ବୁଲି ସ୍ଥିତି ପରଖିଥିଲେ। ଏଠାରେ ମୁଖ୍ୟ ଚିକିତ୍ସାଳୟର ଭିତିମଭୂମି ସ୍ଥିତି ପରଖିଥିଲେ। ଘଟଣାରୁ ଜଣାଯାଇଛି, ଜିଲ୍ଲାପାଳ ଶ୍ରୀରାଣା ଖୋର୍ଦ୍ଧା ମେଡ଼ିକାଲ ଗସ୍ତ କରି ସେଠାରେ ଶିଶୁ ଓ ମହିଳା ବିଭାଗ, ପ୍ରତୀକ୍ଷା କକ୍ଷ, ଅକ୍ସିଜେନ ପ୍ଲାଣ୍ଟ, ଏସଏନସିୟୁ, ରୋଷଶାଳ, ଆଇସିୟୁ ସେଣ୍ଟର, ନିଦାନ ବିଭାଗ, ପାର୍କିଂସ୍ଥଳ, ଔଷଧ ବିତରଣ କେନ୍ଦ୍ର ପ୍ରମୁଖ ବୁଲି ସ୍ଥିତି ପରଖିଥିଲେ। ମେଡିକାଲକୁ ପରିଷ୍କାର ପରିଛନ୍ନତା ରଖିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ରୋଗୀଙ୍କୁ ନେବା ଲାଗି ଆମ୍ବୁଲାନ୍ସ ଗୁଡିକ କରୁଥିବା ମନଇଛା ରେଟ୍ ସମ୍ପର୍କରେ ବିଭିନ୍ନ ସମୟରେ ଅଭିଯୋଗ ହେଉଥିବାବେଳେ ଏହାକୁ ନେଇ ଜିଲ୍ଲାପାଳ ଏକ ନିଷ୍ପତି ଶୁଣାଇଛନ୍ତି। ପ୍ରତ୍ୟେକ ଘରୋଇ ଆମ୍ବୁଲାନ୍ସରେ ଜନସାଧାରଣଙ୍କ ଅବଗତି ନିମନ୍ତେ ରେଟ ଚାର୍ଟ ମାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନାୟକ, ଡା. ରଘୁନାଥ ନାୟକ, ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ ଓ ସଙ୍ଗିତା ସ୍ୱାଇଁଙ୍କ ସମେତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।

## ଡିଏଚ୍‌ଏଚରେ ଖୋଲିଲା ଡାଏଲିସିସ କେନ୍ଦ୍ର

● ପ୍ରଥମ ଦିନରେ ଜଣେ ରୋଗୀଙ୍କ ହେଲା ଚିକିତ୍ସା



**ଖୋର୍ଦ୍ଧା,୧।୨(ସମିସ):** ଅପରାହ୍ନ ସାଢେ ୪ଟାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସି ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ୫ଶଯ୍ୟା ବିଶିଷ୍ଟ ଫ୍ରି ଡାଏଲିସିସ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଡିଏ୍‌ଚ ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଅନ୍ୟତମ ଅତିଥିଭାବେ ଜିଲ୍ଲାପାଳ ଚଞ୍ଚଳ ରାଣା, ସିଡିଏମଓ ଡା. ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କେନ୍ଦ୍ରରେ ଗୋଟିଏ ଦିନରେ ୩ସିଫ୍ଟରେ ୫ଜଣ ଲେଖାଏଁ ୧୫ଜଣଙ୍କୁ ଚିକିତ୍ସା କରାଯିବ ବୋଲି ସିଡିଏମଓ ଡା. ନାୟକ କହିଛନ୍ତି। ଗୁରୁତର ରୋଗୀଙ୍କୁ ପ୍ରଥମେ ଗୁରୁତ୍ୱ ଦିଆଯିବ। ଏଥିସହିତ ଡାଇଲିସିସ ରୋଗୀମାନେ ଚିକିତ୍ସା ଲାଗି ପୂର୍ବରୁ ଆସି ପଞ୍ଜୀକରଣ କରିପାରିବେ ବୋଲି ସିଡିଏମଓ ଡା. ନାୟକ କହିଛନ୍ତି। ଖୋର୍ଦ୍ଧା ଓ ଆଖପାଖର ରୋଗୀଙ୍କୁ ଆଉ ଡାଇଲିସିସ ପାଇଁ ଭୁବନେଶ୍ୱର ଯିବାକୁ ପଡିବନି। ଯାହାକୁ ନେଇ ରୋଗୀ ଓ ସମ୍ପର୍କିୟଙ୍କୁ ଆଶ୍ୱସ୍ତି ମିଳିଛି। ଏହାର ପରିଚାଳନା ଦାୟିତ୍ୱ ଘରୋଇ ସଂସ୍ଥା ଏସ.କେ. ସଞ୍ଜିବନୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନେଇଛନ୍ତି। ଗୁରୁବାର ପ୍ରାଥମିକ ଭାବେ ଖୋର୍ଦ୍ଧା ପଲ୍ଲାର ମମତାଜ ବେଗମଙ୍କର ଅତିଥିମାନଙ୍କ ଉପସ୍ଥିତିରେ ଚିକିତ୍ସା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡା.ରଘୁନାଥ ନାୟକ, ହସ୍ପିଟାଲ ମ୍ୟାନେଜଣ ଡା. ବିନାୟକ ପାଣିଗ୍ରାହୀ, ଡାଏଲିସିସ କେନ୍ଦ୍ରରେ ନିଯୁକ୍ତି ପାଇଥିବା କର୍ମଚାରୀ ଉପସ୍ଥିତ ଥିଲେ।

### ଚାଲିଛି ବେଆଇନ ମାଙ୍କଡ଼ା ଖଣି

# ଷଣ୍ଢପୁରରୁ ବେଧଡ଼କ ଚୋରାଚାଲାଣ, ନୀରବ ପ୍ରଶାସନ

**ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର, ଅସାଧୁ କର୍ମଚାରୀ ମାଫିଆ ମାଲାମାଲ**

ଖୋର୍ଦ୍ଧା,୧।୨(ସମିସ)

ଖୋର୍ଦ୍ଧା ଜିଲ୍ଲାରେ ବେଆଇନଭାବେ ପଥର ଖନନ ଏବଂ ମାଙ୍କଡା ଚୋରା ଚାଲାଣ ବଢ଼ିବାରେ ଲାଗିଛି। କିଛିଦିନ ତଳେ ଏନ୍‌ଜିଟିର ଛାଟ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଧରପଗଡ ଯୋରଦାର ଆରମ୍ଭ ହୋଇଥିଲା। ବେଆଇନ ଭାବେ ଚାଲାଣ ହେଉଥିବା ଲଘୁ ଖଣିଜ ପଦାର୍ଥ ଉପରେ ଜରିମାନା ଆଦାୟ କରାଯାଇଥିଲା। ମାଫିଆଙ୍କ ଦୌରାତ୍ମ୍ୟ ଆଗରେ ଜିଲ୍ଲା ପ୍ରଶାସନର ଷ୍ଟ୍ରାଟେଜି ଫେଲ ମାରିଛି। ରୀତିମତ ଭାବେ ଜିଲ୍ଲାରେ ମାଙ୍କଡା ଚୋଟାଚାଲାଣ ବଢୁଛି। ଜାତୀୟ ଓ ରାଜ୍ୟ ରାଜପଥରେ ବେଧଡକ ଭାବେ ଚୋରା ଚାଲାଣ ଚାଲିଛି। ଦୈନିକ ବିଳମ୍ବିତ ରାତିରେ ଶହ ଶହ ଟ୍ରକ, ହାଇୱା ରେ ପଥର ଚୋରା ଚାଲାଣ ହେଉଛି। ପ୍ରଶାସନ, ପୁଲିସର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଦିନ ଦିନ ଖୋର୍ଦ୍ଧାରେ ବେଆଇନ ପଥର ଖଣି ଖନନ ବଢିବାରେ ଲାଗିଛି। ମାଫିଆଙ୍କ ନଜରରେ ଶ୍ରୀମନ୍ଦିର ପ୍ରଶାସନର ପଥର ଖଣି ଉପରେ ରହିଛି। ଖୋର୍ଦ୍ଧାରେ ଶ୍ରୀମନ୍ଦିର ପ୍ରଶାସନର ୪୫ରୁ ଊର୍ଦ୍ଧ୍ୱ ପଥର ଖଣି ରହିଛି। ଏନଜିଟିର ଛାଟ ଏବଂ ପରିବେଶ ମଞ୍ଜୁରୀ ମିଳିନଥିବାରୁ ପଥର ଖଣି ଲିଜ୍



ଦିଆଯାଇପାରୁନଥିବା ସୂଚନା ମିଳିଛି। ଅନ୍ୟପଟେ ବିନା ପଞ୍ଜିକରଣରେ ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର ସହର ତଳି ଅଂଚଳ ଏବଂ ବୋଲଗଡ ଓ ବେଗୁନିଆ ପ୍ରଭୃତି ଅଞ୍ଚଳରୁ ଚୋରା ମାଙ୍କଡା ପଥର ଚାଲାଣ ହେଉଛି।ଚୋରା ଚାଲାଣ ରୋକିବା ଲାଗି ପ୍ରଶାସନିକସ୍ତରରେ ଟ୍ରାକ୍ସ ଫୋର୍ସ ଗଠନ କରାଯାଇଥିଲା। ଉଦ୍ଦେଶ୍ୟ ରହିଥିଲା ଟାକ୍ସ ଫୋର୍ସ ମିଳିତ ଭାବେ ବିଭିନ୍ନ ଖଣିଖାଦାନ, ରାଜପଥ ଦେଇ ଚାଲାଣ ହେଉଥିବା ଚୋରା ଚାଲାଣ ରୋକିବେ।ମାତ୍ର ଏହା ପ୍ରଭାବହୀନ ଭଳି ଲାଗୁଛି ଜଟଣୀ ତହସିଲ ଅଂଚଳରୁ ଦେଖିଲେ।

ଜଟଣୀ ତହସିଲ ଅନ୍ତର୍ଗତ ଷଣ୍ଢପୁର ମୌଜାର ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ସମ୍ମୁଖ ବେଆଇନ ଖଣିରୁ ରାତିରେ ନିୟମିତଭାବେ ପଥର ଓ ମୋରମ ଚାଲାଣ କରାଯାଉଛି। ଜଟଣୀ ସମେତ ଭୁବନେଶ୍ୱର ତଳି ଅଞ୍ଚଳକୁ ଏଠାରୁ ବେଆଇନ ଚାଲାଣ କରାଯାଉଛି। ପ୍ରତି ରାତିରେ ୬୦ରୁ ଊର୍ଦ୍ଧ୍ୱ ହାଇୱାରେ ମୋରୋମ ଏବଂ ୨୦ରୁ ଊର୍ଦ୍ଧ୍ୱ ଗାଡ଼ିରେ ମାଙ୍କଡା ପଥର ଚାଲାଣ ହେଉଛି। ତେବେ ଛଣଘର ସରପଂଚ ସୁବାସିନୀ ବିଶ୍ୱାଳ ଏନେଇ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଅଭିଯୋଗ କରିଥିଲେ ମଧ ଫଳ ଶୂନ ରହିଛି ।ସବୁଠାରୁ ବଡକଥା ଖୋଳାଯାଉଥିବା ବେଆଇନ ଖଣି ଥାନା ଏବଂ ତହସିଲ କାର୍ଯ୍ୟାଳୟର ୨କିମି ପରଧିରେ ଥିଲେ ମଧ ବିଭାଗୀୟ ଅଧିକାରୀ ଏହାକୁ ଦେଖି ନଦେଖିଲା ଭଳି ରହୁଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ମାଫିଆ ଏବଂ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀଙ୍କ ମଧ୍ୟରେ ସଳାସୁତରା ଯୋଗୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ପ୍ରଶାସନର କିଛିଦିନର ଚଢ଼ଉ ପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପଥର ଖଣି ବନ୍ଦ ରହିଥିଲା। ମାତ୍ର ଏବେ ପ୍ରଶାସନିକ ହୁଗୁଳା ଯୋଗୁ ରୀତିମତ ଭାବେ ପଥର ଚୋରା ଚାଲାଣ ଚାଲିଛି। ତେଣୁ ଜିଲ୍ଲାପାଳ ଏଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

● ଛଣଗିରି ହିନ୍ଦୁ ଧର୍ମକୁ ଆକ୍ଷେପ ଘଟଣା

## ଆପୋଷ ସମାଧାନ, ଶାନ୍ତି କମିଟି ଗଠନ



ନିରାକାରପୁର,୧।୨(ସମିସ)

ହିନ୍ଦୁ ଧର୍ମକୁ ସାମାଜିକ ଗଣମାଧମରେ ଆକ୍ଷେପ କରିବା ବିରୋଧରେ ହିନ୍ଦୁ ଲୋକମାନେ ଖୋର୍ଦ୍ଧା ଜିଲ୍ଲା ଛଣଗିରି ଠାରେ ଗତ ୨୭ ତାରିଖରେ ନୂଆ ଜଗନ୍ନାଥ ସଡ଼କ ରାସ୍ତାରୋକ କରିଥିଲେ। ପୁଲିସ ପହଞ୍ଚି ୪ ଜଣ ସଂଖ୍ୟା ଲଘୁ ସମ୍ପ୍ରଦାୟ ଯୁବକଙ୍କୁ ଅଟକ ରଖିବାରୁ ରାସ୍ତା ଅବରୋଧ ହଟିଥିଲା। ଗୁରୁବାର ଘଟଣାର ଆପୋଷ ସମାଧାନ ପାଇଁ ଜଂକିଆ ଥାନାରେ ଆୟୋଜିତ ବୈଠକରେ ଛଣଗିରି ମୁସଲିମ ଓ ହିନ୍ଦୁ ଲୋକମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ ଅଧ୍ୟକ୍ଷତା କରିଥିଲେ। ଗ୍ରାମରେ ଉଭୟ ପକ୍ଷରୁ ପ୍ରାୟ ୩୦ ଜଣଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଛି। ଗ୍ରାମରେ କୌଣସି ସମସ୍ୟା ଉପୁଜିଲେ ପ୍ରଥମେ ଶାନ୍ତି କମିଟି ମଧ୍ୟସ୍ଥତା ରେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯିବ ଯଦି ସଫଳ ନ ହୁଏ ପରେ ପୁଲିସର ହସ୍ତକ୍ଷେପ ଲୋଡା ଯିବ ବୋଲି ସ୍ଥିର କରାଯାଇଛି। କୌଣସି ପରିସ୍ଥିତିରେ ରାସ୍ତା ରୋକ ଭଳି ସମସ୍ୟା ସୃଷ୍ଟି କରି ସାଧାରଣ ଲୋକଙ୍କୁ ହଇରାଣ ନ କରିବାକୁ ଯୁବ ଗୋଷ୍ଠୀଙ୍କୁ ତାଗିଦ୍ କରାଯାଇଛି। ବୈଠକକୁ ଆଇଆଇସି ପ୍ରଜ୍ଞା ରିତମ୍ଭରା କର ପରିଚାଳନା କରିଥିଲେ। ପ୍ରକାଶ ଥାଉ କି ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ପଞ୍ଚାୟତର କିଛି ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ସାମାଜିକ ଗଣମାଧମରେ ଉକ୍ତ ପଞ୍ଚାୟତର ହିନ୍ଦୁ ଦେବାଦେବୀ ଓ ଧର୍ମକୁ ନେଇ କିଛି ମନ୍ତବ୍ୟ ପୋଷ୍ଟ କରିଥିଲେ।ଏହାକୁ ଦେଖି ହିନ୍ଦୁ ଲୋକମାନଙ୍କ ମନରେ ଆଘାତ ଲାଗିଥିଲା।

## ପ୍ରାଣନାଥ ମହାବିଦ୍ୟାଳୟରେ ଉଦ୍ୟୋଗୀ ମେଳା ସାଧବ ପ୍ରଜ୍ଞା

**ଖୋର୍ଦ୍ଧା,୧।୨(ସମିସ):** ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାଣିଜ୍ୟ ଓ ପରିଚାଳନା ବିଭାଗ ଆନୁକୁଲ୍ୟରେ ଚାଲିଥିବା ସାଧବ ପ୍ରଜ୍ଞା- ୨୦୨୪ ନାମରେ ଏକ ଉଦ୍ୟୋଗୀ ମେଳା ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗ ମୁଖ୍ୟ ଡ. ସୁଶୀଲ କୁମାର ପଟ୍ଟନାୟକଙ୍କ ପୌରେହିତ୍ୟରେ ମୁଖ୍ୟଅତିଥି ଭାବେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସମ୍ମାନିତଅତିଥିଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁବାସ କୁମାର, ଖୋର୍ଦ୍ଧା ଷ୍ଟେଟ୍ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିଚାଳନା ବିଭାଗ ମୁଖ୍ୟ ପ୍ରଫେସର କିଶୋର କୁମାର ଦାସ, ଓଡିଶା ଉଚ୍ଚଶିକ୍ଷା ପରିଷଦର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ବିଶ୍ୱମୋହନ ଜେନା, ଖୋର୍ଦ୍ଧା ଆଇସିଆଇସିଆଇ ବ୍ୟାଙ୍କର ପ୍ରବନ୍ଧକ ରାକେଶ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଡ. ବିନୋଦିନି ମିଶ୍ରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଦୁଇ ଦିନ ଧରି ଆୟୋଜିତ ହୋଇଥିବା




ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ନରେନ୍ଦ୍ର କୁମାର ଜେନା, ନର୍ଥ-ଇଷ୍ଟର୍ଣ୍ଣ ହିଲ୍ ୟୁନିଭରସିଟି ସିଲଂଗ୍ର ପ୍ରଫେସର କୈଳାସ ଚନ୍ଦ୍ର ବିଶ୍ୱାଳ, ମହାବିଦ୍ୟାଳୟର ଉପାଧ୍ୟକ୍ଷା ଡ. ବିନୋଦିନି ମିଶ୍ର ଏବଂ ଆଇକ୍ୟୁଏସି କୋର୍ଡିନେଟର ଡ. ବିନ୍ଦୁଶ୍ରୀ ମିଶ୍ର ଯୋଗ ଦେଇଥିଲେ। ଅଧ୍ୟକ୍ଷା ଡ. ଅଜନ୍ତା ଶତପଥି ସ୍ୱାଗତ ସମ୍ବର୍ଦ୍ଧନା ସହ ନିଜର ମନ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଆଇସିଏମ୍‌ଏଆଇ ଭୁବନେଶ୍ୱରର ଅଧ୍ୟକ୍ଷ ସିଏମଏ. ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ମୁଖ୍ୟବକ୍ତାଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପ୍ରଫେସର ଉମେଶ ଚନ୍ଦ୍ର ବିଭିନ୍ନ ସାଂସ୍କୃତିକ ଓ କ୍ରୀଡା ପ୍ରତିଯୋଗିତାର ବିଜେତାମାନଙ୍କୁ ଏବଂ ଉଦ୍ୟୋଗୀ ମେଳା ସାଧବ ପ୍ରଜ୍ଞା- ୨୦୨୪ର ପ୍ରୟୋଜକଙ୍କୁ ଅତିଥିଙ୍କଦ୍ୱାରା ପୁରସ୍କାର ବିତରଣ କରାଯିବା ସହିତ ଏହି ବର୍ଷର ସାଧବ ଶ୍ରେଷ୍ଠ ଭାବେ ପରଫେକ୍ଟ କମ୍ପ୍ୟୁଟର ଭୁବନେଶ୍ୱରକୁ ଘୋଷଣା କରାଯାଇଥିଲା। ମେଳାକୁ ଅଧ୍ୟାପକ ସୂର୍ଯ୍ୟସ୍ମିତ ମହାପାତ୍ର ଏବଂ ଶ୍ରୀକାନ୍ତ ପରିମାଣିକ ପରିଚାଳନା କରିଥିଲେ। ବିଭାଗର ଅଧ୍ୟାପିକା ନିରୁପମା ସାହୁ ସଭା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ସଂଗ୍ରାମ ପାଢୀ ଏବଂ ଚିରଞ୍ଜୀବି ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଅନ୍ତରୀଣ ବଜେଟ

## ରେଳ ଭିତ୍ତିଭୂମି, ସୁରକ୍ଷା ପାଇଁ ୧୦.୫୩୬ କୋଟି: ରେଳମନ୍ତ୍ରୀ



**ଜଟଣୀ,୧।୨(ସମିସ):** ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭିଡିଓ କନଫରେନ୍ସିଂ ମାଧମରେ ଓଡିଶା ରାଜ୍ୟ ପାଇଁ ମଧ୍ୟବର୍ତ୍ତି ରେଳ ମଧ୍ୟବର୍ତ୍ତିକାଳୀନ ବଜେଟ୍ -୨୦୨୪ ଉପରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଖୋର୍ଦ୍ଧା ରୋଡ ମଣ୍ଡଳ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଗତ ଦଶବର୍ଷ ମଧ୍ୟରେ ରାଜ୍ୟର ରେଳ ବିଭାଗରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଛି। ମଧ୍ୟବର୍ତ୍ତି ବଜେଟ-୨୦୨୪ ରେ ରାଜ୍ୟରେ ରେଳ ଭିତ୍ତିଭୂମି ତଥା ସୁରକ୍ଷା ପ୍ରକଳ୍ପ ପାଇଁ ୧୦,୫୩୬ କୋଟି ଟଙ୍କା ପାଣ୍ଠି ଆବଣ୍ଟନ କରାଯାଇଛି।

ଭାରତୀୟ ରେଳବାଇ ଆଧୁନିକ ଟେକ୍ନୋଲୋଜି ଏବଂ ଆଧୁନିକ ସୁବିଧା ସହିତ ବନ୍ଦେ ଭାରତ, ଅମୃତ ଭାରତ ଇତ୍ୟାଦି ଅନେକ ଆଧୁନିକ ଟ୍ରେନ୍ ଚଳାଚଳ କରିଛି। ଆଗାମୀ ଦିନରେ ବନ୍ଦେ ମେଟ୍ରୋ ଏବଂ ବନ୍ଦେ ସ୍ଲିପର ଭଳି ଟ୍ରେନ୍ ଚଳାଇବାକୁ ଯୋଜନା କରାଯାଇଛି। ରେଳ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ବର୍ତ୍ତମାନ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଓଡ଼ିଶାର ୫୮ଟି ରେଳ ଷ୍ଟେସନର ବିକାଶ ପାଇଁ କାର୍ଯ୍ୟ ଚାଲିଛି। ୪୨ଏକ ଷ୍ଟେସନ୍ ଏକ ପ୍ରଡକ୍ଟ ଷ୍ଟଲ୍ ଓଡ଼ିଶାର ରେଳ ଷ୍ଟେସନରେ ସ୍ଥାନୀୟ ହସ୍ତତନ୍ତ, ହ୍ୟାଣ୍ଡଲୁମ୍ ଏବଂ ଅନ୍ୟାନ୍ୟ ସ୍ଥାନୀୟ ଉତ୍ପାଦ ବିକ୍ରୟ ପାଇଁ କାର୍ଯ୍ୟକ୍ଷମ ହେଇଛ ।ଅଧିକନ୍ତୁ ଓଡିଶାରେ ୧୦୦% ରେଳ ବିଦ୍ୟୁତିକରଣ ଶେଷ ହୋଇସାରିଛି ।ଖୋର୍ଦ୍ଧା ରୋଡ ମଣ୍ଡଳ କାର୍ଯ୍ୟାଳୟ ସଭା ଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ, ହେଚ୍ ଏସ ବାଜ୍ୱା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣୀ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ସମନ୍ୱୟ) ସୁଭ୍ରାଜ୍ୟୋତି ମଣ୍ଡଳ, ବରିଷ୍ଠ ମଣ୍ଡଳ ପରିଚାଳକ ପ୍ରବନ୍ଧକ ରବି ପ୍ରକାଶ ଯାଦବ, କେ ସନ୍ଦୀପ, ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଅମିତେଶ ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## କୁହୁଡିରେ ଭାଗବତକଥା

**କୁହୁଡି,୧।୨(ସମିସ):** ସ୍ଥାନୀୟ ଗୀତା ଭବନ ଆନୁକୁଲ୍ୟରେ ସପ୍ତଦିବସୀୟ ଶ୍ରୀମଦ ଭାଗବତ କଥା ମହୋତ୍ସବ ଗୁରୁବାର ଠାରୁ ଆରମ୍ଭ ହୋଇଯାଇଛି। ପୂର୍ବାହ୍ନରେ ୧୦୮ ଭକ୍ତ କଳସ ଶୋଭାଯାତ୍ରରେ ଐତିହାସିକ ଗଡ଼ପୋଖରୀରୁ ଜଳଯାତ୍ରାରେ ଗ୍ରାମ ପରିକ୍ରମା କରି ଉତ୍ସବସ୍ଥଳକୁ ଆସିଥିଲେ। ଆଠ ଦଳ କୀର୍ତନ ସହ ସୁସଜ୍ଜିତ ରଥରେ ସ୍ୱାମୀ ଶ୍ରୀମୁକୁନ୍ଦକୃଷ୍ଣଜୀ ମହାରାଜ ତାଙ୍କ ଶିଷ୍ୟମାନଙ୍କ ସହ ପରିକ୍ରମାରେ ଯୋଗଦେଇଥିଲେ। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୫ ଟା ଠାରୁ ରାତି ୮ ଘଟିକା ପର୍ଯ୍ୟନ୍ତ ପ୍ରତିଦିନ ଭାଗବତ କଥା ରସାମୃତ ପରିବେଷଣ କରାଯିବା ପାଇଁ ସ୍ଥିର କରାଯାଇଛି। ଏଥିରେ ତପନ କୁମାର ଛୋଟରାୟ, ରଘୁନାଥ ବେହେରା, ଧର୍ମେନ୍ଦ୍ର ପାତ୍ର, ଶରତଚନ୍ଦ୍ର ଚମ୍ପତି, ନିଶିକାନ୍ତ ବଳବନ୍ତରାୟ, ଶଙ୍କର ବଡ଼ଜେନା, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଯୋଗିନାଥ ବିଶ୍ୱାଳ, ଜୟଦେବ ବେହେରା , ମନୋଜ କୁମାର ମାନସିଂହ, ରବୀନ୍ଦ୍ର ପ୍ରଧାନ, ଦିବ୍ୟମ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

## ଇଭିଏମ୍ ସଚେତନତା ଶିବିର

**ଭୂଷଣ୍ଡପୁର,୧।୨(ସମିସ):** ଟାଙ୍ଗିବ୍ଲକର ବାଲିପାଟପୁର ପଞ୍ଚାୟତରେ ଇଭିଏମ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିପାଟପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ରେ ପଂଚାୟତର ଭୋଟରମାନେ ଯାଇ ଅଂଶଗ୍ରହଣ କରିଥିଲେ। ଶିବିରରେ ଅଧିକାରୀ ସମରେଶ ବେହେରା, ଗୋଲକ ସୁନ୍ଦରାୟ ଏବଂ ବିଏଲଓ ରଞ୍ଜିତା ସରକାର ଓ ରଶ୍ମିତା ପଟ୍ଟନାୟକ ସହଯୋକ କରିଥିଲେ। ସର୍ବପ୍ରଥମେ ଏକ ନଂ ୱାର୍ଡର ବରିଷ୍ଠ ଭୋଟର ବାବାଜୀ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ।



### ବିଡିଓଙ୍କ ମନମାନି ଓ ଅନୁପସ୍ଥିତିକୁ ବିରୋଧ

# ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା

ବାଣପୁର,୧।୨(ସମିସ)

ବିଡିଓଙ୍କ ମନମାନି ଓ ପ୍ରାୟତଃ ଅନୁପସ୍ଥିତିକୁ ବିରୋଧ କରି ଗୁରୁବାର ବାଣପୁର ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ମୁଖ୍ୟଫାଟକ ସମ୍ମୁଖରେ ବ୍ଲକ ଅଧ୍ୟକ୍ଷଙ୍କ ସମେତ ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ଧାରଣାରେ ବସିଛନ୍ତି।

ସୂଚନା ମୁତାବକ ଗୁରୁବାର ପୂର୍ବାହ୍ନରୁ ଅଧ୍ୟକ୍ଷ ଶ୍ରୀରଣସିଂହଙ୍କ ସମେତ ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ମାନେ ବିଡିଓଙ୍କ ମାନମାନିକୁ ବିରୋଧ କରି କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସି ଥିବା ଦେଖିବାକୁ ମିଳିଛି। ସେମାନଙ୍କ ଅଭିଯୋଗ ମୁତାବକ ବିଡିଓ ଶୀତଳ



ଅଗ୍ରୱାଲ ଅଧିକାଂଶ ସମୟ କାର୍ଯ୍ୟାଳୟକୁ ନଆସିବା, ଲଗାତାର ମନଇଚ୍ଛା ଛୁଟିରେ ରହିବା ସହ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା ଓ ଅବହେଳା କରୁଥିବା ଅଭିଯୋଗ କରି ଧାରଣଦେଇ ବସିଛନ୍ତି। ଏପରିକି ସମିତି ସଭ୍ୟ ଏବଂ ସରପଞ୍ଚଙ୍କୁ ଅଣଦେଖା କରୁଥିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ଅଧ୍ୟକ୍ଷ ଏବଂ ସରପଞ୍ଚ। ବ୍ଲକ କାର୍ଯ୍ୟାଳୟରେ ତାଲା ପଡ଼ିବା ଫଳରେ ବିଭିନ୍ନ କାମ ନେଇ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବହୁ ଜନସାଧାରଣ ଫେରି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ବାଣପୁର ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ଥିବାବେଳେ ଖବରପାଇ ଘଟଣାସ୍ଥଳରେ ବାଣପୁର ତହସିଲଦାର ପହଁଞ୍ଚି ଅଧ୍ୟକ୍ଷଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା କୌଣସି ସମାଧାନ ବାହାରି ପାରିନଥିଲା। ସବୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ଅଧ୍ୟକ୍ଷ ଶ୍ରୀ ରଣସିଂହ କହିଛନ୍ତି। ଅନ୍ୟପକ୍ଷରେ ଏସମ୍ପର୍କରେ ବାଣପୁର ବିଡିଓ ଶୀତଲ ଅଗ୍ରୱାଲଙ୍କୁ ପଚାରିବାରେ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

## ଚିଲିକାର ଜୈବ ବିବିଧତା ସୁରକ୍ଷା ସଚେତନତା

**ବାଲୁଗାଁ; ୧।୨ (ସମିସ):** ଚିଲିକାର ଅବକ୍ଷୟ ମୁଖୀ ଜୈବ ବିବିଧତା, ପାରିପାର୍ଶିକ ସ୍ଥିତିରେ ପରିବର୍ତ୍ତକୁ ନିଆରା ଢଙ୍ଗରେ ପ୍ରଦର୍ଶିତ କରିଛନ୍ତି ରାଜ୍ୟର ଚିତ୍ରଶିଳ୍ପୀ । ଆସାମ, ତ୍ରିପୁରା, ପଶ୍ଚିମ ବଙ୍ଗ, ଅରୁଣାଚଳ ପ୍ରଦେଶ ସମେତ ଓଡିଶାର ସାତ ଜଣ ଚିତ୍ରଶିଳ୍ପୀ ସାତ ଦିନ ଧରି ଚିଲିକାରେ ପରିଭ୍ରମଣ କରିବା ସହ ଏସିଆ ମହାଦେଶର ସର୍ବବୃହତ୍ତର ଲୁଣା ହ୍ରଦର ଜୈବ ବିବିଧତାରେ ହେଉଥିବା ପରିବର୍ତ୍ତନ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ପରେ ଚିତ୍ରଶିଳ୍ପୀମାନେ ନିଜର ଚିତ୍ରକଳା ନୈପୂଣ ପ୍ରଦର୍ଶନ କରି ପରିଭ୍ରମଣର ଅନୁଭୂତିକୁ ଚିତ୍ରକଳା ମାଧ୍ୟମରେ ପରିପ୍ରକାଶ କରିଥିଲେ। ଚିଲିକା ରୋଡସ୍ଥିତ ସେବା ସଦନରେ ମୁମ୍ବାଇର 'ଡଟ୍ ଲାଇନ ସ୍ପେସ ଆର୍ଟ ଫାଉଣ୍ଡେସନ' ତରଫରୁ ଅନୁଷ୍ଠିତ ମୁକ୍ତ ଚିତ୍ରକଳା ପ୍ରଦର୍ଶନୀରେ ଚିତ୍ରକାରଙ୍କ ଏହି କଳାକୃତି ଗୁଡିକ ପ୍ରଦର୍ଶିତ କରାଯାଇଥିଲା ।ଚିଲିକା ଉପରେ ଗବେଷଣା କରୁଥିବା ଗବେଷକଙ୍କ ସହଯୋଗରେ ଏପରି ଅଭିଯାନ ଆଗକୁ ବଢିବ ଏବଂ ଆଗାମୀ ଦିନରେ ଚିଲିକା ଉପରେ ଅଧିକ ଗବେଷଣା କରି ଜନ ସାଧାରଣଙ୍କୁ ଏହାର ସୁରକ୍ଷାରେ ସାମିଲ କରିବା ସହ ଚିଲିକାର ପ୍ରାକୃତିକ ସମ୍ପଦକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଜନସାଧରଣଙ୍କୁ ସଚେତନ କରାଯିବ ବୋଲି ଫାଉଣ୍ଡେସନର ନିର୍ଦ୍ଦେଶକ ଗୌରହରି ଦାସ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଚିତ୍ରଶିଳ୍ପୀ ତଥା ଫାଉଣ୍ଡେସନର ସଦସ୍ୟ ଶିତାକାନ୍ତ ସାମନ୍ତସିଂହାର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଚିଲିକା ବନ୍ୟପ୍ରାଣୀ ବନ ଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ଏବଂ ଖୋର୍ଦ୍ଧା ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରିଜ୍‌ୱାନା କାୱାବ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ପ୍ରୋତ୍ସାହିତ କରିଥିଲେ।

